**ବଜ୍ରପାତରେ ଗାଈ ମୃତ, ମାଲିକ ଆହତ**

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ପଞ୍ଚାୟତ କୁଳସୁକରପଡା ଗାଁରେ ବୁଧବାର ଅପରାହ୍ନରେ ବଜ୍ରପାତରେ ଗାଈର ମୃତ୍ୟୁ ଘଟିଥିବା ବେଳେ ମାଲିକ ଯୁଧିଷ୍ଠିର ଗୁରୁ ଆହତ ହୋଇଛନ୍ତି। ଅପରାହ୍ନରେ ସ୍ଥାନୀୟ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏହି ସମୟରେ ଯୁଧିଷ୍ଠିର ବିଲରେ ବନ୍ଧା ଯାଇଥିବା ତାଙ୍କ ଗାଈକୁ ଆଣି ଆସୁଥିଲା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଗାଈର ମୃତ୍ୟୁ ଘଟିଛି। ଯୁଧିଷ୍ଠିର ସଂଜ୍ଞାହୀନ ହୋଇ ଯାଇଥିଲେ। ଯୁଧିଷ୍ଠିର ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ଯୁବଗୋଷ୍ଠୀ

**କଟକ ଅଫିସ, ୨୯।୯:** କଟକ ନେହେରୁ ଯୁବ କେନ୍ଦ୍ରର ପରାମର୍ଶଦାତା ମଣ୍ଡଳୀ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ଯୁବଗୋଷ୍ଠୀ ସଫଳ ରୂପାୟନ ଦେବା ନିମନ୍ତେ ଆଗେଇ ଆସିବାକୁ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ସମ୍ମାନିତ ଅତିଥି ଭାବେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର ଯୋଗଦେଇ ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ବା କଠିନ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଘରୁ ଆରମ୍ଭ କରିବା ନିମନ୍ତେ ଯୁବକମାନେ ଆଗେଇ ଆସିଲେ କ୍ଲିନ୍ ଇଣ୍ଡିଆ ଲକ୍ଷ୍ୟ ସାଧିତ ହେବ ବୋଲି କହିଥିଲେ। ଏଥିରେ ନେହେରୁ ଯୁବ କେନ୍ଦ୍ରର ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏହି ଅବସରରେ କ୍ଲିନ୍ ଇଣ୍ଡିଆ ପୋଷ୍ଟର ଉନ୍ମୋଚନ ହୋଇଥିଲା।

### କଟକ ଇଷ୍ଟ ରୋଟାରୀ କ୍ଲବ ଦ୍ୱାରା ହୃତ୍‌ପିଣ୍ଡ ଦିବସ ପାଳନ

**କଟକ ଅଫିସ,୨୯।୯:** କଟକ ମହାନଦୀ ବିହାରସ୍ଥିତ ଦି ହାର୍ଟ କ୍ଲିନିକ ପରିସରରେ କଟକ ଇଷ୍ଟ ରୋଟାରି କ୍ଲବ ଦ୍ୱାରା ବିଶ୍ୱ ହୃତ ପିଣ୍ଡ ଦିବସ ପାଳନ କରାଯାଇଛି। ଏହି ଅବସରରେ ମହାନଦୀ ବିହାର ବରିଷ୍ଠ ନାଗରିକ ଓ ଖବରଦାତାଙ୍କ ରକ୍ତ ନମୁନା ନିଆଯାଇ ବିଭିନ୍ନ ରକ୍ତ ପରୀକ୍ଷା କରାଯିବା ସହ ଇସିଜି ଓ ଇକୋ ପରି ବ୍ୟୟ ବହୁଳ ପରୀକ୍ଷା ମଗଣାରେ କରାଯାଇ ପରାମର୍ଶ ଦିଆଯାଇଥିଲା। ଏହି ଉତ୍ସବକୁ ମହାନଦୀ ବିହାର ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଇନ୍‌କମ୍ ଟ୍ୟାକ୍ସର ଡେପୁଟି କମିଶନର ନିର୍ମଳେନ୍ଦୁ ଗୁପ୍ତା ଉଦ୍‌ଘାଟନ କରିଥିଲେ। କ୍ଲବର ସଭାପତି ସୁବୋଧ କୁମାର ରାଉତରାଏ ଉତ୍ସବର ଆଭିମୁଖ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶୁଶାନ୍ତ କୁମାର ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ଦାଶ, ପ୍ରସନ୍ନ କୁମାର ସାହୁ, ପ୍ରଭାକର ବସ୍ତିଆ ଓ ଡା. ପ୍ରଦୀପ କୁମାର ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ବ୍ୟାଙ୍କ ଋଣ କମିଟି ବୈଠକ, ସମନ୍ୱୟ ମେଳା

**ବାଙ୍କୀ,୨୯।୯(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ଡମପଡ଼ା ଓ ବାଙ୍କୀ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ପୃଥକ୍ ପୃଥକ୍ ଭାବେ ବ୍ୟାଙ୍କ ଋଣ କମିଟି ବୈଠକ ଓ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଥିଲା। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲାଗି ଏହି ଋଣ ଦିଆଯାଇଥିଲା। ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ୧୭ ପଞ୍ଚାୟତର ୭୯ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟାଙ୍କଗୁଡିକ ମାଧମରେ ୨ କୋଟି ୧୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଏହାକୁ ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ଉଦ୍‌ଘାଟନ କରିଥିଲେ। ସେହିପରି ବାଙ୍କୀ ବ୍ଲକ ସମ୍ମିଳନୀ କକ୍ଷରେ ଏବିଡିଓ ସୂଚୀସ୍ମିତା ନାୟକଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା। ଜୀବିକା ମିଶନ ଓ ମିଶନ ଶକ୍ତି ପକ୍ଷରୁ ୫୧ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ କୋଟି ୫୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

# ଉନ୍ନତୀକରଣ ଅପେକ୍ଷାରେ ଡ୍ରେନେଜ ବ୍ୟବସ୍ଥା

**■୩୦ କୋଟି ବ୍ୟୟ ଅଟକଳ**
**■ସରକାରଙ୍କ ମଞ୍ଜୁରୀକୁ ଅପେକ୍ଷା**

କଟକ ଅଫିସ,୨୯।୯

କଟକ ଜିଲା ଡ୍ରେନେଜ ଡିଭିଜନ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ଟାଙ୍ଗି-ଚୌଦ୍ୱାର, ବାଙ୍କୀ, ବଡ଼ମ୍ବା, ଆଠଗଡ଼ ଆଦି ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ବହୁ ଅଞ୍ଚଳରେ ଜଳ ନିଷ୍କାସନ ଠିକ୍ ଭାବରେ ହୋଇ ନ ପାରି ହଜାରହଜାର ଏକର ଜମିରେ ପାଣି ଜମି ରହୁଛି। ଏପରି କି ସାଲେପୁର, ଆଠଗଡ଼, ବାଙ୍କୀ, ବଡ଼ମ୍ବା, ଆଦି ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥାରେ ତ୍ରୁଟି ଯୋଗୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅଭିଯୋଗ ହୋଇଆସୁଛି। ଡ୍ରେନେଜ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ ୩୦ କୋଟି ୬୮ ଲକ୍ଷ ୯୨ହଜାର ଟଙ୍କାର ଏକ ଅଟକଳ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ଯଦି ଏହି ଅର୍ଥ ମଞ୍ଜୁର ହୁଏ, ତେବେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି।


ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡର ଏକ ଡ୍ରେନ୍‌ରୁ ଆବର୍ଜନା ପାଣି ଉଛୁଳି ପଡିଛି।

ହେଲେ ଏହାକୁ କେବେ ମଞ୍ଜୁରୀ ମିଳୁଛି ଏବଂ ଡ୍ରେନେଜ ବ୍ୟବସ୍ଥା ସୁଧୁରୁଛି ତାକୁ ନେଇ ଜିଲାବାସୀ ଅପେକ୍ଷାରେ ରହିଛନ୍ତି।

ଗତ ବର୍ଷ ଟାଙ୍ଗି-ଚୌଦ୍ୱାରର ଗୁଆଲି ଡ୍ରେନେଜ କଟ୍, କଡେଇ ଡ୍ରେନେଜ କଟ୍, ଭୁୟାଁ ଜୋର ନାଳ, ବାଙ୍କୀ ବ୍ଲକର ବିଷ୍ଣୁପୁର ଲିଙ୍କ୍ ଡ୍ରେନ, ୮.୫୦ କି.ମି ରଣନଦୀ ଲିଙ୍କ୍ ଡ୍ରେନ, ବଡ଼ମ୍ବା ବ୍ଲକର ପର୍ବତିଆ ନାଳ, ସାରନାଳ ଆଠଗଡ଼ ବ୍ଲକର କିଆ ଗହିରା ନାଳ, ବେକବନ୍ଧ, ଚୋରା ଭଡଁରିଆ ଜୋର, ସାରକୋଳି, ପିଠାଖିଆ ଯୋର ଓ ବରକୋଟିଆ ଯୋରର ଉନ୍ନତୀକରଣ ପାଇଁ ଏଷ୍ଟିମେଟ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ହେଲେ ଅର୍ଥର ଅନୁଦାନ ନ ଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପନ୍ନ ହୋଇପାରୁ ନାହିଁ। ସେହିପରି ଯଦିଓ ବୈଷୟିକ ପରାମର୍ଶଦାତା କମିଟି ଦ୍ୱାରା କଟକ ସଦର ଅଞ୍ଚଳର ଶୁକପାଇକା ଡ୍ରେନେଜ ଚ୍ୟାନେଲ ପାଇଁ ୪,୪୦୩.୭୧ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି, ମାତ୍ର ଅନୁଦାନ ଅଭାବରୁ କାର୍ଯ୍ୟ ଆରମ୍ଭ କରାଯାଇ ନାହିଁ। ଏ ସମ୍ପର୍କରେ ଡ୍ରେନେଜ ଡିଭିଜନର ମୁଖ୍ୟ ଯନ୍ତ୍ରୀ ବାଲେଶ୍ୱରନାଥ ସାହୁଙ୍କୁ ପଚାରିବାରେ କଟକ ସଦର, ସାଲେପୁର, ଆଠଗଡ, ବାଙ୍କୀ, ବଡ଼ମ୍ବା ଆଦି ଅଞ୍ଚଳର ଥିବା ପ୍ରସ୍ତାବିତ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ। ସେହିପରି ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ବେହେରାଙ୍କୁ ପଚାରିବାରେ ଅନୁଦାନ ମିଳିଲେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।





ଷୋଳପୂଜା ଆରମ୍ଭ ଅବସରରେ କଟକ ଚଣ୍ଡୀଙ୍କ ସୁନାବେଶ, ମା' ଗଡ଼ଚଣ୍ଡୀଙ୍କ ସୁନାବେଶ, ମା' ଝାଞ୍ଜିରୀ ମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ ଓ ମା' ବାସନ୍ତୀ ଦୁର୍ଗାଙ୍କ ସୁନାବେଶ।

# ମା' ଚର୍ଚ୍ଚିକାଙ୍କ ପୀଠରେ ଷୋଳ ପୂଜା ଆରମ୍ଭ

ବାଙ୍କୀ/ନିଶ୍ଚିନ୍ତକୋଇଲି, ୨୯।୯ (ସ୍ୱ.ପ୍ର.)

ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ବୁଧବାରଠାରୁ ଷୋଳପୂଜା ଆରମ୍ଭ ହୋଇଛି। ଚଳିତବର୍ଷ କୋଭିଡ ନିୟମ ଅନୁଯାୟୀ ପୀଠରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୪ ଦିନ ବ୍ୟାପୀ ଏହି ପୂଜା ଅନୁଷ୍ଠିତ ହେବ। ପ୍ରଥମ ଦିନରେ ମନ୍ଦିରର ସେବାୟତଙ୍କ ଦ୍ୱାରା ମହାନଦୀର ରେଣୁକାତୁଠରୁ ଜଳ ଅଣାଯାଇ ରାଜଗୁରୁ ଭାବନୀ ଶଙ୍କର ମହାପାତ୍ରଙ୍କ ଦ୍ୱାରା ସମ୍ପାଦନ କରାଯିବା ପରେ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସେହିପରି ମା'ଖପରଚଣ୍ଡୀ ଓ ମା'ଭଗବତୀଙ୍କ ମନ୍ଦିରରେ ଷୋଳ ପୂଜା ଅନୁଷ୍ଠିତ ହୋଇଯାଇଛି।


ମା' ଚର୍ଚ୍ଚିକା।

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ନିଶ୍ଚିନ୍ତକୋଇଲି ବ୍ଲକ କରିଲୋ ପଞ୍ଚାୟତ ଛପଚିକଣା ଗ୍ରାମରେ ମା'ହରଚଣ୍ଡୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ମା'ଙ୍କ ସ୍ୱତନ୍ତ୍ର ରୀତିନୀତି କରାଯାଇ ଧୂପ, ଦୀପ ଓ ନୈବେଦ୍ୟ ଲଗାଯାଇଥିଲା। ସେହିଭଳି କାକୁଡିଆପଡାର ସିଦ୍ଧଦେବୀ, ନେମାଳର ଭଗବତୀ ଓ ନିଶ୍ଚିନ୍ତକୋଇଲିର ବେଲେଶ୍ୱରୀଙ୍କ ପୀଠରେ ଏହି ପୂଜା ଆରମ୍ଭ ହୋଇଛି।

## ମା' ଭୁବନେଶ୍ୱରୀଙ୍କ ଷୋଳପୂଜା ଆରମ୍ଭ

**ପୁରୁଣା ଭୁବନେଶ୍ୱର,୨୯।୯(ଡି.ଏନ୍.ଏ.)**

ମୂଳାଷ୍ଟମୀ ଅବସରରେ ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ଥିବା ଭୁବନେଶ୍ୱରୀ ଠାକୁରାଣୀଙ୍କ ପାଖରେ ଷୋଳ ପୂଜା ଆରମ୍ଭ ହୋଇଛି। ପ୍ରାତଃରୁ ଠାକୁରଙ୍କ ମଙ୍ଗଳ ଆଳତି ଅବକାଶ ସରିବା ପରେ ରୋଷ ହୋମ ହୋଇଥିଲା। ପୁରୀର ରାଜଗୁରୁଙ୍କୁ ମନ୍ଦିର ପୁରୋହିତ ସଙ୍କଳ୍ପ ସାରିବା ପରେ ମା'ଙ୍କ ନୀତି କରିଥିଲେ। ଶ୍ରୀ ଲିଙ୍ଗରାଜ ଓ ମା' ଭୁବନେଶ୍ୱରୀଙ୍କ ୩ ଧୂପ ଏକକାଳୀନ ହୋଇଥାଏ। ଭୁବନେଶ୍ୱରୀଙ୍କୁ ରାଜଗୁରୁ ଏବଂ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପୂଜାପଣ୍ଡା ସେବାୟତ ନୀତି କରିଥାନ୍ତି। ଏହା ଦଶହରା ପର୍ଯ୍ୟନ୍ତ ଚାଲିବ।



ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନରେ ବୁଧବାର ଅନୁଷ୍ଠିତ ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟମାନେ।

## ଖବରଦାତାଙ୍କ ପାଇଁ ମିଡିଆ ହାଉସ୍ ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି, ୨୯।୯(ସ୍ୱ.ପ୍ର.)**

ଖବରଦାତାମାନେ ଖବର ପ୍ରେରଣ ପାଇଁ ଦୈନନ୍ଦିନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ କଟକ-ଚାନ୍ଦବାଲି ରାସ୍ତାର କେନ୍ଦୁପାଟଣାଠରେ ମିଡିଆ ହାଉସ ନାମରେ ଏକ କକ୍ଷ ଖୋଲାଯାଇଛି। ଏହା ୨୪ ଘଣ୍ଟା ଖୋଲା ରହିବା ସହ ଖବରଦାତାଙ୍କୁ ଜରୁରୀ ସେବା ଯୋଗାଇଦେବ। ଏହାର ଉଦ୍‌ଘାଟନୀ ଉତ୍ସବରେ ଜ୍ୟୋତିରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସବିତା ସାମଲ, ଅନ୍ୟତମ ଅତିଥିଭାବେ ନୃସିଂହ ଚରଣ ବିଶ୍ୱାଳ, ଶତ୍ରୁଘ୍ନ ବିଶ୍ୱାଳ ଓ ରତ୍ନାକର ବିଶ୍ୱାଳ ଯୋଗ ଦେଇଥିଲେ।

# ମଧୁବାବୁ ଓଡ଼ିଆ ଜାତିର ଇତିହାସରେ ସ୍ମରଣୀୟ ରହିବେ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ତତ୍କାଳୀନ ନେତୃବର୍ଗଙ୍କ ମଧ୍ୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭାବନା ଆସି ନ ଥିବାବେଳେ ଉତ୍କଳ ଗୌରବ ମଧୁସୂଦନ ଭାଷାଭିତ୍ତିକ ରାଜ୍ୟ ଗଠନର ଆଭିମୁଖ୍ୟ ଗ୍ରହଣ କରି ଇତିହାସ ସୃଷ୍ଟି କରିଥିଲେ। ଓଡ଼ିଆ ଜାତୀୟତା ଓ ସ୍ୱାଭିମାନର କାଣ୍ଡାରୀ ଭାବରେ ମଧୁବାବୁଙ୍କ ଭୂମିକା ଓଡ଼ିଆ ଜାତିର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ ବୋଲି ପ୍ରଧାନ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ବୁଧବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟ ଅଭିଲେଖାଗାର ପକ୍ଷରୁ ଆୟୋଜିତ ୫୫ତମ 'ସଂସ୍କୃତି ଚର୍ଚ୍ଚା'ରେ ପାଣିଗ୍ରାହୀ ଯୋଗଦେଇ 'ମଧୁବାବୁ: ଓଡ଼ିଆ ସଂସ୍କୃତି, ସ୍ୱାଭିମାନ ଓ ଜାତୀୟତା' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, ମଧୁବାବୁ ବାଲ୍ୟକାଳରୁ ତାଙ୍କ ପ୍ରପିତାମହ, ମାତାମହୀ ଓ ସ୍ନେହମୟୀ ଜନନୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇ ପରବର୍ତ୍ତୀ ଜୀବନରେ ନୂତନ ଇଲାକାର ସନ୍ଧାନରେ ଯାଇ ଅଭୂତପୂର୍ବ ସଫଳତା ହାସଲ କରିଥିଲେ। ସାଧୁତା, ସମ୍ମାନ ଓ ସ୍ୱାଭିମାନର ସହିତ ଓଡ଼ିଆ ଜାତିର ଆତ୍ମପରିଚିତି ସୁଦୃଢ଼ କରିବା ପାଇଁ ସେ ଆଜୀବନ ଉଦ୍ୟମ କରିଥିଲେ। ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ଖବର ତାଙ୍କୁ ସବୁଠୁ ଖସି ଦେଇଥିଲା। ମୃତ୍ୟୁଶଯ୍ୟାରେ ସେ ତାଙ୍କ ଶେଷ ବାର୍ତ୍ତାରେ କହିଥିଲେ-'ମନେ ରଖିଥିବ ଜଣେ ଓଡ଼ିଆ ଥିଲା। ତାଙ୍କ ଶବ ଶୋଭାଯାତ୍ରା ଅଭୂତପୂର୍ବ ଥିଲା।' ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବିସ୍ମରଣୀୟ ଭୂମିକା ରହିଥିବାବେଳେ ମଧୁବାବୁ ଶତାବ୍ଦୀର ସୂର୍ଯ୍ୟ ଭାବରେ ଓଡ଼ିଆ ଜାତିର ଇତିହାସରେ ସ୍ମରଣୀୟ ରହିବେ ବୋଲି ପାଣିଗ୍ରାହୀ କହିଥିଲେ।


ପ୍ରଧାନ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**'ସଂସ୍କୃତି ଚର୍ଚ୍ଚା'**

ବିଭାଗୀୟ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମଧୁବାବୁ ଇଂଲିଶ ଓ ବଙ୍ଗଳା କହୁଥିଲେ ମଧ ଓଡ଼ିଆ ଭାଷାର ଦୃଢ଼ ସମର୍ଥକ ଥିଲେ। ଓଡ଼ିଆ ଲିପି ସମ୍ପର୍କରେ ସେ ଚମତ୍କାର ବକ୍ତୃତା ଦେଇଥିଲେ। ଓଡ଼ିଆରେ ଲିଖିତ ତାଙ୍କ ସାର୍ଥକ ଉଦ୍‌ବୋଧନଭିତ୍ତିକ କବିତାଗୁଡ଼ିକ ଦେଶପ୍ରେମର ଜ୍ୱଳନ୍ତ ଉଦାହରଣ। ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଅଧକ୍ଷତା କରି କହିଲେ, ଊନବିଂଶ ଶତାବ୍ଦୀର ଓଡ଼ିଶା ତତ୍କାଳନୀ ରାଜନୈତିକ-ଅର୍ଥନୈତିକ ପରିସ୍ଥିତି, ଉତ୍କଳ ସମ୍ମିଳନୀର ନେତୃତ୍ୱ ସହିତ ଓଡ଼ିଶାରେ ନବ ଜାଗରଣର ଅଭ୍ୟୁଦୟ, ଓଡ଼ିଶାର ଅର୍ଥନୈତିକ-ସାଂସ୍କୃତିକ ପ୍ରଗତିର ଇତିହାସ ନିର୍ମାଣରେ ତାଙ୍କ ଅପାସୋରା ସ୍ୱାକ୍ଷର ତାଙ୍କୁ ଓଡ଼ିଶା ଇତିହାସର ପ୍ରଣମ୍ୟ ପୁରୁଷ ଭାବେ ସ୍ମରଣୀୟ କରି ରଖିଛି। ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ ସୁଲେମାନ୍ ଅଲ୍ଲୀ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଅମରେନ୍ଦ୍ର ପଟ୍ଟନାୟକଙ୍କ ପରଲୋକରେ ନିରବ ପ୍ରାର୍ଥନା କରାଯାଇଥିଲା।



@ ପ୍ରିୟଙ୍କା


@ ଦୁଷ୍ମନ୍ତ


@ ଦିପୁନ


@ ଜଗଦୀଶ


@ ଉତ୍ତମ


@ ରାହୁଲ

# ଗାଁ ଭିତରେ ହାତୀ, ଲୋକେ ଆତଙ୍କିତ

ବାଙ୍କୀ,୨୯।୯ (ସ୍ୱ.ପ୍ର.)

ଡମପଡ଼ା ବ୍ଲକ କଇଁମୁଣ୍ଡି ଗ୍ରାମରେ ମଙ୍ଗଳବାର ରାତିରେ ଏକ ହାତୀପଲ ପ୍ରବେଶ କରି ଉପଦ୍ରବ କରିଛନ୍ତି। ଫଳରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇଯାଇଛନ୍ତି। ଏହି ପଲରେ ୧୩ ହାତୀ ରହିଛନ୍ତି। ସେମାନେ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ପଶି କଦଳୀ ଗଛ ଭାଙ୍ଗିବା ସହ ଅନ୍ୟାନ୍ୟ ଫସଲ ନଷ୍ଟ କରଦେଇଛନ୍ତି। ଗତ ଶୁକ୍ରବାର ଏହି ହାତୀପଲକୁ ମୁଣ୍ଡଳୀ ଅଞ୍ଚଳରେ ଦେଖିବାକୁ ମିଳିଥିଲା ବୋଲି ଗ୍ରାମବାସୀ କହିଛନ୍ତି। ବାରମ୍ବାର ହାତୀପଲ କଇଁମୁଣ୍ଡି, ଭଗୀପୁର, ବାଆଁରା, ପାଥପୁର, କୁସୁପଙ୍ଗି ଆଦି ଅଞ୍ଚଳରେ ପ୍ରବେଶ କରି ବ୍ୟାପକ ଫସଲ ନଷ୍ଟ କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ହାତୀମାନଙ୍କ ଯାତାୟାତ ପାଇଁ କରିଡର ନ ଥିବାରୁ ସେମାନେ ଏଣେତେଣେ ବୁଲି ବ୍ୟାପକ ଫସଲ କ୍ଷୟକ୍ଷତି କରିବା ସହ ଧନଜୀବନ ନଷ୍ଟ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜଙ୍ଗଲ ବିଭାଗ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଡମପଡା ରେଞ୍ଜ ଅଫିସର ଅଶୋକ କୁମାର ଦାସ କହିଛନ୍ତି, ମଙ୍ଗଳବାର ସେମାନେ ଉକ୍ତ ହାତୀପଲକୁ ଚନ୍ଦକା ଜଙ୍ଗଲ ଅଭିମୁଖେ ଘଉଡ଼େଇ ଦେଇଥିଲେ। ରାତିରେ ହାତୀଗୁଡ଼ିକ କଇଁମୁଣ୍ଡିରେ ପ୍ରବେଶ କରିଥିବା ସୂଚନା ମିଳିଛି। ଏନେଇ ଭାଗୀପୁର ଓ କଇଁମୁଣ୍ଡି ଜଙ୍ଗଲରେ ବନ ବିଭାଗ ପକ୍ଷରୁ ହାତୀପଲ ଉପରେ ନଜର ରଖାଯାଇଛି। ରାତିରେ ବାଣ ଓ ନିଆଁ ଦେଖାଇ ଜଙ୍ଗଲ ଆଡକୁ ଘଉଡ଼ାଇ ଦିଆଯିବ। ହାତୀ ଦ୍ୱାରା କୌଣସି ବ୍ୟକ୍ତି କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ ବନବିଭାଗ ପକ୍ଷରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସହାୟତା ଯୋଗାଇ ଦିଆଯିବ।



କଇଁମୁଣ୍ଡି ଗାଁରେ ପଶିଥିବା ହାତୀ ଓ ତାର ପାଦଚିହ୍ନ।

## ଭାଷା, ସଂଖ୍ୟାଜ୍ଞାନ ସମ୍ପର୍କିତ କର୍ମଶାଳା

**କଣ୍ଟାପଡା,(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ବରାହୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରାରମ୍ଭିକ ଭାଷା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ ପ୍ରତାପଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିବାବେଳେ ୫ଟି କ୍ଲଷ୍ଟରର ୮୮ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ସିଆର୍‌ସିସି ଅଜିତ ମହାପାତ୍ର, ରବୀନ୍ଦ୍ର ରାଉତରାୟ, ପୁନାନ୍ଦ ବେହେରା, ବେଣୁଧର ଲେଙ୍କା, ବିଶ୍ୱନାଥ ଆଚାର୍ଯ୍ୟ, ମନୋରଞ୍ଜନ ମହାରଣା, ମୋହନ କୁମାର ସେଠୀ, ଅରବିନ୍ଦ ପଟ୍ଟନାୟକ, ହରେକୃଷ୍ଣ ଭୋଇ ଓ ବୈକୁଣ୍ଠନାଥ ମହାନ୍ତି ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଭୋଇ ଓ ସହକାରୀ ଶିକ୍ଷୟିତ୍ରୀ ଅହଲ୍ୟା ସାହୁ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ୨ କର୍ମଚାରୀ ପଜିଟିଭ, ୫ଦିନ ସ୍କୁଲ ବନ୍ଦ

**କଣ୍ଟାପଡା,୨୯।୯(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟର ୨ଜଣ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ଛାତ୍ରୀଛାତ୍ର ଓ ସ୍କୁଲ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିକୁ ଦେଖି ଉକ୍ତ ବିଦ୍ୟାଳୟକୁ ୫ଦିନ ଛୁଟି ଘୋଷଣା କରାଯାଇଛି। ଖବର ଅନୁଯାୟୀ, ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜ୍ଞାନରଞ୍ଜନ ମିଶ୍ର ଓ ପ୍ରଧାନ ଶିକ୍ଷକ ଅଶୋକ ମହାପାତ୍ରଙ୍କ ଅସୁସ୍ଥ ରହିଥିଲେ। କରୋନା ପରୀକ୍ଷା କରିବା ପରେ ରିପୋର୍ଟ ପଜିଟିଭ ଆସିଥିଲା। ଏ ନେଇ ବିଦ୍ୟାଳୟର ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ବେହେରା ଏ ସମ୍ପର୍କରେ କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ ଓ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ବୁଧବାର ଲିଖିତ ଭାବେ ଜଣାଇଥିଲେ। ବ୍ଲକ ଶିକ୍ଷାଧିକାରୀ ପ୍ରତାପଚନ୍ଦ୍ର ବେହେରା ଉକ୍ତ ବିଦ୍ୟାଳୟକୁ ବୁଧବାରଠାରୁ ଆସନ୍ତା ୫ଦିନ ପାଇଁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶରତଚନ୍ଦ୍ର ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କର ପ୍ରତିକ୍ରିୟା ମିଳି ପାରିନାହିଁ। ତେବେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଅବିଭାବକମାନେ ଆଶଙ୍କାରେ ରହିଛନ୍ତି।

## ଅଫିସରଙ୍କ ଘରୁ ଚୋରି କରି ୩ ଗିରଫ

**ଭୁବନେଶ୍ୱର,୨୯।୯(ବ୍ୟୁରୋ):** ଜଳସମ୍ପଦ ବିଭାଗ ଅଧିକାରୀଙ୍କ ଘରୁ ୨ଥର ଚୋରି କରିଥିବା ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଥାନା ନୀଳକଣ୍ଠ ନଗର ମୁଣ୍ଡାସାହିର ମଣ୍ଟୁ ନାୟକ(୨୫), ପିଣ୍ଟନ ନାୟକ(୨୨) ଓ ସାବନ ନାୟକ(୨୬)। ଏମାନଙ୍କଠାରୁ ଚୋରି ଟିଭି, ସୁନା ଅଳଙ୍କାର, ନଗଦ ୨ହଜାର ଟଙ୍କା ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସୋନାଲି ଶୁଭଦର୍ଶିନୀ ସ୍ଥାନୀୟ ଥାନା ଡେଲ୍‌ଟା କଲୋନୀରେ ରୁହନ୍ତି। ୧୮ ତାରିଖ ଅପରାହ୍ନରେ ଘରେ କେହି ନ ଥିବାବେଳେ କାବାଟ ଭାଙ୍ଗି ଅଭିଯୁକ୍ତମାନେ ଆଲମାରୀରେ ଥିବା ୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଗଷ୍ଟ ୩୦ରେ ସେ ଘରେ ନ ଥିବାବେଳେ ପୁଣି ସେହି ଅଭିଯୁକ୍ତମାନେ ସମାନ ଢଙ୍ଗରେ ସୁନା ଅଳଙ୍କାର, ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା, ଦାମୀ ଘଣ୍ଟା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେବା ସହ ଘରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କକୁ ଖୋଲି ନେଇଥିଲେ। ଏନେଇ ପୁନର୍ବାର ଥାନାରେ ଅଭିଯୋଗ ପରେ ପୋଲିସ ଆଉଏକ ମାମଲା (ନଂ.୪୫୪/୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ହତ୍ୟାକାରୀଙ୍କ ପତ୍ତା ପାଉନି କମିଶନରେଟ୍ ପୋଲିସ



**ଭୁବନେଶ୍ୱର,୨୯।୯(ବ୍ୟୁରୋ)**

ରାଜଧାନୀରେ ଘଟିଥିବା ଏକାଧିକ ହତ୍ୟା ଘଟଣା ଉପରୁ କମିଶନରେଟ ପୋଲିସ ପରଦା ଉଠାଇ ପାରୁନାହିଁ। ହତ୍ୟା ଅଭିଯୁକ୍ତମାନେ ଫେରାର ହୋଇ ବୁଲୁଥିବାବେଳେ ପୋଲିସ ସେମାନଙ୍କୁ ଧରିବାରେ ବିଫଳ ହୋଇଛି। ବିଭିନ୍ନ ହତ୍ୟା ମାମଲାରେ ତଦନ୍ତକାରୀ ଅଫିସର ଓ ଥାନା ଅଧିକାରୀ ବଦଳି ହୋଇଯିବାରୁ ତଦନ୍ତ ପ୍ରକ୍ରିୟା ମଧ ଆଗକୁ ବଢିପାରୁନାହିଁ। ଏପରି କି ମୃତ ବ୍ୟକ୍ତିବିଶେଷଙ୍କ ପରିଚୟ ମିଳୁ ନ ଥିବାରୁ ପୋଲିସ କେବଳ ପୋଷ୍ଟର ମାରି କିଛିଦିନ ତତ୍ପରତା ଦେଖାଇ ଚୁପ୍ ବସୁଛି। ବିଗତ ୯ ବର୍ଷରେ ୪ରୁ ଊର୍ଦ୍ଧ୍ୱ ହତ୍ୟା ମାମଲାର ତଦନ୍ତ ଅଧାରେ ଅଟକିଛି, ଯାହାକୁ ନେଇ କମିଶନରେଟ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୨୦୧୨ ମେ ୨୭

ଚନ୍ଦକା ଥାନା ଘଙ୍ଗାପାଟଣା ପାହାଡ ତଳେ ଥିବା ଆମ୍ବତୋଟାରୁ ଜଣେ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ପୋଲିସ ଜବତ କରିଥିଲା। ମହିଳାଙ୍କୁ ଏକ ପଥରରେ ଛେଚି ଦୁର୍ବୃତ୍ତମାନେ ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଘଟଣାକୁ ୧୧ ବର୍ଷ ବିତିଯାଇଥିଲେ ମଧ ପୋଲିସ ଏଯାଏ ନା ମୃତା ମହିଳାଙ୍କ ପରିଚୟ ପାଇପାରିଲା, ଅବା ହତ୍ୟାକାରୀଙ୍କୁ ଠାବ କଲା। ମହିଳାଙ୍କୁ କିଏ ଓ କାହିଁକି ହତ୍ୟା କଲେ, ତାହା ରହସ୍ୟ ଘେରରେ ରହିଛି।



ମହାବୀର ବସ୍ତିରେ ଯୁବତୀଙ୍କୁ ହତ୍ୟା ଘଟଣାରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି (ଫାଇଲ୍ ଫଟୋ)।

### ୨୦୧୭ ଫେବୃୟାରୀ ୧

ମଞ୍ଚେଶ୍ୱର ଥାନା କୁଆଖାଇ ନଦୀପଠାରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଥିଲା। ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ହେଲେ ମୃତଦେହଟି ପଚିଯିବା ସହ ପାଣି ସଂସ୍ପର୍ଶରେ ଆସିଥିବାରୁ ବଳାତ୍କାର ନେଇ କିଛି ଜଣାପଡି ନ ଥିଲା। ଏହି ଘଟଣାକୁ ୪ ବର୍ଷ ବିତିଯାଇଥିଲେ ମଧ ହତ୍ୟାକାରୀଙ୍କୁ ଧରିବା ତ ଦୂରର କଥା ମୃତା ଯୁବତୀଙ୍କ ପରିଚୟ ଓ ଠିକଣା ବି ପୋଲିସ ପାଇପାରିଲା ନାହିଁ।

**ଏକାଧିକ ମାମଲାର ତଦନ୍ତ ଅଧା**

### ୨୦୧୮ ଅଗଷ୍ଟ ୨୩

ମଞ୍ଚେଶ୍ୱର ଥାନା ନିକଟ ହୋଟେଲ ହାଇୱେ ଇନ୍‌ରେ ଖୋର୍ଦ୍ଧା ଜିଲା କାଇମାଟିଆ ଅଞ୍ଚଳର ଲକ୍ଷ୍ମୀପ୍ରିୟା ବିଶ୍ୱାଳଙ୍କୁ ତାଙ୍କ ପୁରୁଷ ବନ୍ଧୁ ଆଦିତ୍ୟ ମହାପାତ୍ର ଲୁହାରଡ୍‌ରେ ପିଟିପିଟି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ହୋଟେଲରେ ପୋଲିସ ପହଞ୍ଚି ରକ୍ତ ଜୁଡୁବୁଡୁ ମୃତଦେହକୁ ଜବତ କରିଥିଲା। ତେବେ କେଉଁ କାରଣ ପାଇଁ ଏହି ହତ୍ୟାକାଣ୍ଡ ଘଟିଥିଲା ତାହା ବି ଏଯାଏ ସ୍ପଷ୍ଟ ହେଲା ନାହିଁ। ଘଟଣାକୁ ୩ ବର୍ଷ ବିତିଯାଇଥିଲେ ମଧ ହତ୍ୟା ଅଭିଯୁକ୍ତଙ୍କୁ ପୋଲିସ ଧରି ନ ପାରି ହାତବାନ୍ଧି ବସିଛି।

### ୨୦୨୧ ସେପ୍ଟେମ୍ବର ୭

ଭରତପୁର ଥାନା ରୁଚିକା ମାର୍କେଟ ମହାବୀର ବସ୍ତିରେ ବନ୍ଦ ଥିବା ଏକ ଭଡା ଘରୁ ଗୀତା ସେଠୀ ନାମ୍ନୀ ଜଣେ ଯୁବତୀଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ସେଠାରେ ତାଙ୍କ ସହ ରହୁଥିବା ଜଣେ ବ୍ୟକ୍ତି ଫେରାର ହୋଇଯାଇଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତା ଯୁବତୀଙ୍କ ଘର ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ପଞ୍ଚୁକୋଟି ଗ୍ରାମରେ ବୋଲି ଜଣାପଡିଥିଲା। ଗୀତାଙ୍କ ସହ ରହୁଥିବା ପୁରୁଷ ବନ୍ଧୁଙ୍କ ନାମରେ ତାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ୨୨ ଦିନ ବିତିଯାଇଥିଲେ ବି ପୋଲିସ ସେହି ବ୍ୟକ୍ତିଙ୍କ ନିକଟରେ ପହଞ୍ଚିପାରୁନାହିଁ। ତଦନ୍ତ ଆଗଉ ନ ଥିବାରୁ ଏ ଘଟଣା ବି ସେମିତି ପୂର୍ବର ଏକାଧିକ ମାମଲା ପରି ସମୟକ୍ରମେ ପୋଲିସର ଫାଇଲ୍ ତଳେ ରହିଯିବାକୁ ବସିଛି।



“ଏକାଧିକ ହତ୍ୟା ଘଟଣାରେ ମୃତକଙ୍କ ପରିଚୟ ମିଳିପାରୁ ନାହିଁ। ତେଣୁ ହତ୍ୟା ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ କଷ୍ଟସାଧ୍ୟ ହୋଇପଡୁଛି। ତେବେ ଯେଉଁ କେତେକ ଘଟଣାରେ ମୃତକଙ୍କ ପରିଚୟ ମିଳିଛି, ସେଥିରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ କମିଶନରେଟ ପୋଲିସ ଯଥାସମ୍ଭବ ଚେଷ୍ଟା ଜାରି ରଖିଛି।

**–ଡିସିପି ଉମାଶଙ୍କର ଦାସ**



“୨୦୦୬ରେ ମାନ୍ୟବର ସୁପ୍ରିମକୋର୍ଟ ପ୍ରକାଶ ସିଂ ବନାମ ଭାରତ ସରକାର ମାମଲାରେ ଦେଇଥିବା ରାୟ ଅନୁଯାୟୀ, ଅନୁସନ୍ଧାନକାରୀ ପୋଲିସ ଅଫିସର ଏବଂ ଆଇନଶୃଙ୍ଖଳା ରକ୍ଷା କରୁଥିବା ଅଫିସରଙ୍କ ମଧ୍ୟରେ କର୍ତ୍ତବ୍ୟ ବିଭାଜନ ହେବା ଉଚିତ। ପୋଲିସ ଉପରେ ଆଇନ ଶୃଙ୍ଖଳାର ଅଧିକ ଦାୟିତ୍ୱ ପଡୁଥିବାରୁ ଅନେକ ସମୟରେ ତଦନ୍ତ କରିବାରେ ମଧ ସେମାନେ ସମୟ ଦେଇପାରୁ ନାହାନ୍ତି। ଫଳସ୍ୱରୂପ ଅଧିକ ମାତ୍ରାରେ ଅପରାଧ ଘଟୁଥିବାବେଳେ ପୋଲିସ ପଦାଧିକାରୀଙ୍କ ସଂଖ୍ୟା ସେହି ଅନୁପାତରେ ମଧ ବୃଦ୍ଧି ପାଇନାହିଁ। ତେଣୁ ଅନେକ ଅସମାହିତ ହତ୍ୟା ମାମଲା ଦୀର୍ଘବର୍ଷ ଧରି ପଡିରହୁଛି। ଅନ୍ୟପକ୍ଷରେ ପୋଲିସର ଦକ୍ଷତା ବୃଦ୍ଧି ପାଇଁ ନୂତନ ଭିତ୍ତିଭୂମି ପ୍ରସ୍ତୁତ କରିବା ଏହି ଘଟଣାଗୁଡିକ ମଧ ଆହ୍ୱାନ ଦେଇଛି।

**–ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ**





ବିଶ୍ୱ ହୃତ୍ପିଣ୍ଡ ଦିବସ ପାଳନ ଅବସରରେ ବୁଧବାର ଭୁବନେଶ୍ୱରରେ ଉତ୍କଳ ହସ୍ପିଟାଲ ପକ୍ଷରୁ ସଚେତନତା ବାର୍ତ୍ତା ନେଇ ବାହାରିଥିବା ଗଣଦୌଡ଼।

## ହୃଦ୍‌ରୋଗ ସମ୍ପର୍କରେ ସଚେତନତାର ବାର୍ତ୍ତା

**ଭୁବନେଶ୍ୱର,୨୯।୯**

ଉତ୍କଳ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ବୁଧବାର ବିଶ୍ୱ ହୃତ୍ପିଣ୍ଡ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହୃଦ୍‌ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ହସ୍ପିଟାଲ ପକ୍ଷରୁ ଏକ ୱାକାଥନ୍ ଆୟୋଜନ କରାଯାଇଥିଲା। ଏଥିରେ ୫୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ବିଶ୍ୱ ହୃତ୍ପିଣ୍ଡ ଦିବସର ବିଷୟବସ୍ତୁ ହେଉଛି ‘ୟୁଜ୍ ୟୋର ହାର୍ଟ ଫର୍ କନେକ୍ଟ’। କାର୍ଯ୍ୟକ୍ରମରେ ହସ୍ପିଟାଲର ସିଓଓ ଡା. ଆଲୋକ ଲୋଧ ଏବଂ ଡେପୁଟି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ (ଡିଏମ୍‌ଏସ୍) ଡା. ସରବଜିତ୍ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ହସ୍ପିଟାଲର ହୃଦ୍‌ରୋଗ ବିଭାଗ ବରିଷ୍ଠ କନ୍‌ସଲ୍‌ଟାଣ୍ଟ ଡା. ସନତ କୁମାର ସାହୁ କହିଛନ୍ତି, ସୁସ୍ଥ ରହିବା ଲାଗି ଉନ୍ନତ ଜୀବନଶୈଳୀ ବଜାୟ ରଖିବାକୁ ପଡ଼ିବ। ହୃଦ୍‌ରୋଗକୁ ଏଡ଼ାଇବା ଲାଗି ଶରୀରର ଓଜନ ନିୟନ୍ତ୍ରଣ, ଧୂମପାନ ଛାଡ଼ିବା ଏବଂ ନିୟମିତ ବ୍ୟାୟାମ କରିବାକୁ ପଡ଼ିବ। ବରିଷ୍ଠ କନ୍‌ସଲଣ୍ଟାଣ୍ଟ ଡା. ସୁଶାନ୍ତ ପ୍ରଧାନ କହିଛନ୍ତି, ଚଳିତ ବର୍ଷ ଡିଜିଟାଲ ମାଧ୍ୟମକୁ ବ୍ୟବହାର କରି ହୃଦ୍‌ରୋଗ ସଂକ୍ରାନ୍ତ ସଚେତନତା ଆଣିବାକୁ ପ୍ରୟାସ କରୁଛୁ। ବରିଷ୍ଠ ଡାକ୍ତର ନିମାଇଁ ଚରଣ ବେହେରା କହିଛନ୍ତି, ସୁସ୍ଥ ଜୀବନଶୈଳୀ ହୃତ୍ପିଣ୍ଡକୁ ଭଲ ରଖିବ।

## ଆର୍.ଉଦୟଗିରିକୁ ସବ୍ ଡିଭିଜନ ମାନ୍ୟତା ଦେବାକୁ ଜନସ୍ୱାର୍ଥ ମାମଲା

**କଟକ ଅଫିସ, ୨୯।୯**

ଗଜପତି ଜିଲାର ଆର୍.ଉଦୟଗିରିକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଗଜପତି ଜିଲାର ମୋହନା, ଆର୍.ଉଦୟଗିରି, ରାୟଗଡ଼ ଓ ନୂଆଗଡ଼ ଆଦି ୪ବ୍ଲକର ସର୍ବସାଧାରଣ ଆର୍ଥିକ, ଗମନାଗମନ, ପ୍ରଶାସନିକ, ଭୌଗୋଳିକ ଦୃଷ୍ଟିକୋଣରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଭିନ୍ନ ଯୋଜନାରେ ଅର୍ଥ ବାଟମାରଣା ମଧ ହେଉଛି। ଏହାକୁ ରୋକିବା ସହ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଆର୍.ଉଦୟଗିରିକୁ ସବ୍‌ଡିଭିଜନ ମାନ୍ୟତା ଅନିବାର୍ଯ୍ୟ ଓ ଉପଯୁକ୍ତ ବୋଲି ପିଟିଶନରେ ଦର୍ଶାଯାଇଛି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରମୁଖ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଗଜପତି ଜିଲାପାଳ ଓ ପାରଳାଖେମୁଣ୍ଡି ଉପଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଭାରତୀୟ ବିକାଶ ପରିଷଦ ସଭାପତି ଗୋପାଳ ପାଣିଗ୍ରାହୀଙ୍କ ପକ୍ଷରୁ ଆଗତ ଏହି ମାମଲାକୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ପରିଚାଳନା କରୁଛନ୍ତି।

## ବିପର୍ଯ୍ୟୟ ପ୍ରସ୍ତୁତି, ପରିଚାଳନା ନେଇ ୱେବିନାର

**ଭୁବନେଶ୍ୱର,୨୯।୯**

ଷ୍ଟେଟ୍ ଟେଲିକମ୍ ଡିଜାଷ୍ଟର କୋଅର୍ଡିନେଶନ କମିଟି (ଏସ୍‌ଟିଡିସିସି)ର ଏକ ୱେବିନାର ବୁଧବାର ଅନୁଷ୍ଠିତ ହୋଇଛି। ଟେଲିକମ୍ ବିଭାଗ ଓଡ଼ିଶା ଷ୍ଟେଟ୍ ୟୁନିଟ ଆନୁକୂଲ୍ୟରେ ଆଜାଦି କା ଅମୃତ ମହୋତ୍ସବ ଅଂଶ ବିଶେଷ ଭାବେ ଏହା ଆୟୋଜନ କରାଯାଇଥିଲା। ସିନିୟର ଡେପୁଟି ଡାଇରେକ୍ଟର ଜେନେରାଲ ବି.କେ.ନାୟକ ଅଧ୍ୟକ୍ଷତା କରିବା ସହ ବିପର୍ଯ୍ୟୟ ପରିଚାଳନାରେ ଟେଲିକମ୍ କ୍ଷେତ୍ରର ବିଭିନ୍ନ କାର୍ଯ୍ୟକଳାପ ଉପରେ ଗୁରୁତ୍ୱାରୋପ କରିଥିଲେ। ଟେଲିକମ୍ ଟେକ୍ନୋଲୋଜି ବିଭାଗ ଡିଡିଜି ୟୁ.ଭି.ରମନା, ଟେକ୍ନୋଲୋଜି ବିଭାଗ ନିର୍ଦ୍ଦେଶକ ସୁବ୍ରତ କୁମାର ପୃଷ୍ଟି ଯୋଗଦେଇଥିଲେ। ଏନ୍‌ଡିଆର୍‌ଏଫ୍, ବିଭିନ୍ନ ଟେଲିକମ୍ କମ୍ପାନୀ, ଓପିଟିସିଏଲ୍,ଏଟିସି, ଇଣ୍ଡସ ଟାୱାର, ଆସେଣ୍ଡ ଭଳି ସଂସ୍ଥାର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। ସ୍ୱତନ୍ତ୍ର ରିଲିଫ କମିଶନର କାର୍ଯ୍ୟାଳୟର ରବିନାରାୟଣ ବାରିକ, ଶ୍ୟାମ ସୁନ୍ଦର ଦାସ, ଡିଡିଜି(ଟି) ୟୁ.ଭି. ରମନା, ସିଡିଓଟିର ପ୍ରତିନିଧି ସବ୍ୟସାଚୀ ମଜୁମଦାର, ବିଏସ୍‌ଏନ୍‌ଏଲ୍ ଜିଏମ୍ ଏମ୍.କେ. ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ଟିଡିସିସିର ୱେବିନାରରେ ଯୋଗ ଦେଇଥିବା ଅତିଥିମାନେ।

## ବିଭୂତି ପଟ୍ଟନାୟକଙ୍କ ‘ଶ୍ରେଷ୍ଠ କଥା ଦଶକ’ ଉନ୍ମୋଚିତ



କାର୍ଯ୍ୟକ୍ରମରେ ଅତିଥିମାନେ ‘ଶ୍ରେଷ୍ଠ କଥା ଦଶକ’ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର ୨୯।୯**

ଫୁଲ-ଭଗବାନ ଫାଉଣ୍ଡେଶନ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ବିଭୂତି ପଟ୍ଟନାୟକଙ୍କ ‘ଶ୍ରେଷ୍ଠ କଥା ଦଶକ’ ସ୍ଥାନୀୟ ଏକ ହୋଟେଲରେ ବୁଧବାର ଉନ୍ମୋଚିତ ହୋଇଯାଇଛି। ଏହି ସାରସ୍ୱତ ସଭାରେ ଫୁଲ-ଭଗବାନ ଫାଉଣ୍ଡେସନ ତରଫରୁ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ସୁରପ୍ରଭା ପଟ୍ଟନାୟକଙ୍କୁ ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ତରରେ ପଟ୍ଟନାୟକ କହିଥିଲେ, ତାଙ୍କ ଜୀବନରେ ଲେଖିଥିବା ୧୦୦ରୁ ଊର୍ଦ୍ଧ୍ୱ ଉପନ୍ୟାସ ମଧ୍ୟରେ ‘ବଧୂ-ନିରୁପମା’ ତାଙ୍କୁ ପାଠକମାନଙ୍କ ନିକଟରେ ପରିଚିତ କରାଇପାରିଛି। ପ୍ରାରମ୍ଭରୁ ଫାଉଣ୍ଡେଶନର ସଭାପତି ପୀତବାସ ରାଉତରାୟ ପଟ୍ଟନାୟକଙ୍କ ସାରସ୍ୱତ ସୃଷ୍ଟି ସମ୍ପର୍କରେ ପରିଚିତ କରିଥିଲେ। ପଟ୍ଟନାୟକ କହିଥିଲେ, ତାଙ୍କ ଜୀବନର ଆଦ୍ୟ ପ୍ରେରଣାଦାତା ହେଉଛନ୍ତି ସାରଙ୍ଗଧର ଦାସ। ସେ କଲମଧାରୀଙ୍କୁ ଲଙ୍ଗଳଧାରୀଙ୍କ ପାଖକୁ ଯିବାକୁ ଉପଦେଶ ଦେଇଥିଲେ। ସେଥିପାଇଁ ଲେଖକ ଗଳ୍ପ ଓ ଉପନ୍ୟାସ ଲେଖିବା ପୂର୍ବରୁ ବହୁ ତଥ୍ୟ ସଂଗ୍ରହ କରନ୍ତି ବୋଲି ସ୍ୱୀକାର କରିଥିଲେ। ମାର୍କ୍ସଙ୍କ ଅର୍ଥନୈତିକ ବିଶ୍ଳେଷଣ ଓ ଗାନ୍ଧୀଙ୍କ ଅହିଂସା ଦ୍ୱାରା ବେଶିମାତ୍ରାରେ ପ୍ରଭାବିତ। ସେ ତାଙ୍କ ଜୀବନରେ ରାଜନୈତିକ ଆନ୍ଦୋଳନରେ ଯୋଗଦେଇ ଥିବାରୁ ଶୋଷଣମୁକ୍ତ ସମାଜ ସପକ୍ଷରେ କଲମ ଚାଳନା କରିଆସିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ସାହିତ୍ୟିକ ଅସିତ ମହାନ୍ତି, କୃପାସାଗର ସାହୁ, ଡ. ଅରବିନ୍ଦ ରାୟ, ସଦାନନ୍ଦ ତ୍ରିପାଠୀ, କ୍ଷୀରୋଦ ଦାସ, ସ୍ୱାଗତିକା ସ୍ୱାଇଁ, ସୁଧାଂଶୁ ଶେଖର ସ୍ୱାଇଁ, ଅରବିନ୍ଦ ପଟ୍ଟନାୟକ, କେଦାର ପୃଷ୍ଟି, ଅରୁଣ କାନୁନ୍‌ଗୋ ତଥା ଫୁଲ-ଭଗବନା ଫାଉଣ୍ଡେଶନ ତରଫରୁ ଲେଖିକା କୁସୁମ ପଟେଲ ଓ ଅନୁବାଦିକା ମୀନାକ୍ଷୀ ରାଉତରାୟ ଉପସ୍ଥିତ ଥିଲେ।

## ଜବରଦଖଲ ଉଚ୍ଛେଦ, ଭଙ୍ଗାହେଲା ୪୦ଦୋକାନ

**କଟକ ଅଫିସ, ୨୯।୯:** ମହାନଦୀ ବିହାରସ୍ଥିତ ହାରାମଣୀ ମଣ୍ଡପଠାରୁ ପୋତାପୋଖରୀ ପର୍ଯ୍ୟନ୍ତ ଜବରଦଖଲରେ ଥିବା ୪୦ ଦୋକାନକୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବୁଧବାର ଉଚ୍ଛେଦ କରାଯାଇଛି। ଏହି ସମୟରେ ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ସ୍ଥାନୀୟ ଥାନା ଅଧିକାରୀ ଶଶୀକାନ୍ତ ରାଉତଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଗୁରୁବାର ଗୋପାଳପୁର ବାଲିକୁଦା ଅଞ୍ଚଳରୁ ଉଚ୍ଛେଦ ହେବ।

## ଓଡ଼ିଆ ଭାଷା, ସାହିତ୍ୟକୁ ଗୌରୀକୁମାରଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର, ୨୯।୯(ବ୍ୟୁରୋ)**

ବାଗ୍ମୀ ଗୌରୀକୁମାର ବ୍ରହ୍ମାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ବୁଧବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସଂସ୍କୃତି ଭବନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଥିଲା। ଡ. ଶାନ୍ତନୁ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ତତ୍ତ୍ୱ ବିଶାରଦ ପ୍ରଫେସର ବ୍ରହ୍ମା ଓଡ଼ିଆ ସଂସ୍କୃତିକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ବିବେକାନନ୍ଦ ପାଣିଗ୍ରାହୀ ଯୋଗଦେଇ ଗୌରୀକୁମାର ବ୍ରହ୍ମା ଭଞ୍ଜ ସାହିତ୍ୟର ଜଣେ ଅନନ୍ୟ ଆଲୋଚକ ଥିଲେ ବୋଲି ପ୍ରକାଶ କରିଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଏଥିରେ ପୌରୋହିତ୍ୟ କରି ଓଡ଼ିଆ ଭାଷା ଓ ସାହିତ୍ୟକୁ ଗୌରୀକୁମାରଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏକାଡେମୀ ସମ୍ପାଦକ ଭାବେ ସେ ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ଯେଉଁ ସବୁ କାର୍ଯ୍ୟ କରିଯାଇଛନ୍ତି, ତାହା କାଳେ କାଳେ ଆମମାନଙ୍କ ପାଇଁ ମାର୍ଗଦର୍ଶନ ହୋଇ ରହିବ ବୋଲି ଡ. ମଲ୍ଲିକ କହିଥିଲେ। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ଧନ୍ୟବାଦ ଦେଇଥିଲେ।





ବାଗ୍ମୀ ଗୌରୀକୁମାର ବ୍ରହ୍ମାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ସାରସ୍ୱତ ସଭାରେ ଯୋଗ ଦେଇଥିବା ଅତିଥିମାନେ।

**ମା' ମଙ୍ଗଳାଙ୍କ ଷୋଡ଼ଶ ପୂଜା ଆରମ୍ଭ**

କାକଟପୁର,(ଡି.ଏନ୍.ଏ.): ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ତଥା ମୂଳାଷ୍ଟମୀ ଦ୍ୱିତୀୟା ଓଷା ଠାରୁ କାକଟପୁର ବାସିନୀ ମା' ମଙ୍ଗଳାଙ୍କ ମନ୍ଦିରରେ ବୁଧବାରଠାରୁ ଷୋଡ଼ଶ ଉପଚାର ପୂଜାପଣ୍ଡା ପ୍ରକାଶ କୁମାର ପଣ୍ଡାଙ୍କ ଦ୍ୱାରା ଆରମ୍ଭ ହୋଇଯାଇଛି। ସକାଳୁ ମା'ଙ୍କ ସ୍ନାନ, ମାର୍ଜନା ପରେ ଷୋଡ଼ଶ ଉପଚାର ନୀତି ଆରମ୍ଭ ହୋଇ ଜପ, ପାଠ ପୂଜା, ସୂର୍ଯ୍ୟ ପୂଜା ହୋଇ ବଲ୍ଲଭ ଧୂପ ହୋଇଥିଲା। ଏହାପରେ ଦିନର ସମସ୍ତ ଅବଧୂପ ସମ୍ପନ୍ନ ହୋଇ ମନ୍ଦିର ପହୁଡ଼ ପଡି କିଛି ସମୟ ପରେ ପୁଣି ଖୋଲାଯାଇଥିଲା। ସନ୍ଧ୍ୟା ଆଳତି ପରେ ମା'ଙ୍କୁ ସ୍ନାନ ଓ ମାର୍ଜନା ପରେ ମା'ଙ୍କୁ କଳି ବେଶରେ ସଜ୍ଜିତ କରାଯାଇ ମନ୍ଦିର ଖୋଲା ରହିଥିଲା। ମଧ୍ୟରାତ୍ର ପରେ ମା'ଙ୍କ ରାତ୍ର ଅବଧୂପ, ବଡ଼ସିଂହାର ପରେ ମନ୍ଦିର ପହୁଡ଼ ପଡ଼ିଥିଲା।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୯।୦୯।୨୦୨୧

| | |
|---|---|
| ୨,୮୭,୯୪୫ ଟଙ୍କା | |
| ସୁନା | ୧.୬୬୦ ଗ୍ରାମ |
| ରୁପା | ୯୪.୪୩୦ ଗ୍ରାମ |

# ରେଳଷ୍ଟେଶନ ସମସ୍ୟା ବୁଝିଲେ ପିଏସି ସଦସ୍ୟ

ପୁରୀ ଅଫିସ, ୨୯।୯

ରେଲୱେ ବୋର୍ଡର ପିଏସି ସଦସ୍ୟଙ୍କ ଏକ ପ୍ରତିନିଧି ଦଳ ବୁଧବାର ପୁରୀ ରେଳଷ୍ଟେଶନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଏହି ପ୍ରତିନିଧି ଦଳ ରେଳ ଷ୍ଟେଶନରେ ଯାତ୍ରୀଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ପ୍ରତିନିଧି ଦଳର ଆବାହକ ଦିଲୀପ ମଲ୍ଲିକଙ୍କ ସମେତ ୬ଜଣ ସଦସ୍ୟ ପୁରୀ ରେଳ ଷ୍ଟେଶନରେ ପହଞ୍ଚିବା ପରେ ଭାଜପା ଶରଧାବାଲି ମଣ୍ଡଳର ସଭାପତି ସଞ୍ଜିବ ମୁଖାର୍ଜୀ, ବାଲିଗୁଆଲି ମଣ୍ଡଳ ସାଧାରଣ ସମ୍ପାଦକ ହରିହର ମହାପାତ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପରେ ଏହି ପ୍ରତିନିଧି ଦଳ ରେଳଷ୍ଟେଶନକୁ ଯାଇ ଯାତ୍ରୀଙ୍କ ସୁବିଧା ସମ୍ପର୍କରେ ବୁଝିଥିଲେ। ପିଏସି ଆବାହକ ମଲ୍ଲିକ, ସଦସ୍ୟ ଅଜୟ ଯାଦବ୍, ଅଭିଜିତ ଦାସ, ରାମକୁମାର ପାହାନ, ବିଚିତ୍ର ନାରାୟଣ କାଲିତା ଓ ସୁନିଲ୍ ରାମ ପ୍ରମୁଖ ଷ୍ଟେଶନର ସ୍ୱଚ୍ଛତା, ବିଶ୍ରାମଗୃହ, ଯାତ୍ରୀ ଆତଯାତ, ବସିବା ସୁବିଧା, ପାନୀୟ ଜଳ ବ୍ୟବସ୍ଥା, ଫ୍ୟାନ୍, ଦିବ୍ୟାଙ୍ଗ ଓ ରୋଗୀଙ୍କ ନିମନ୍ତେ ହୁଇଲଚେୟାର ପ୍ରଭୃତି ଅନୁଧ୍ୟାନ କରିଥିଲେ। ଏଥିସହ ଉପସ୍ଥିତ ଯାତ୍ରୀ, ସ୍ଥାନୀୟ ଜନସାଧାରଣ ଓ ଭାଜପା ନେତୃବୃନ୍ଦ ସହ ଆଲୋଚନା କରିଥିଲେ। ପୁରୀ ରେଳଷ୍ଟେଶନର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରର ଫଟୋଚିତ୍ର ଡିସ୍‌ପ୍ଲେ ନିମନ୍ତେ ଦାବି କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧା ଡିଭିଜନ ଏଡିଆର୍‌ଏମ୍ କଲ୍ୟାଣ ପଟ୍ଟନାୟକ, ବରିଷ୍ଠ ଡିଭିଜନାଲ ବାଣିଜ୍ୟ ଅଧିକାରୀ ଅମିତେଶ୍ ଆନନ୍ଦଙ୍କ ସମେତ ଅନେକ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଭୂୟାଁ, ବିଶ୍ୱନାଥ ପଣ୍ଡା, ହେମନ୍ତ ମହାନ୍ତି, ମମତା ଦାସ, ବିଜୟ ପଟ୍ଟନାୟକ ଏବଂ ସଂଗ୍ରାମ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ରେଳଷ୍ଟେଶନ ପରିଦର୍ଶନ ଅବସରରେ ରେଲୱେ ବୋର୍ଡର ପିଏସି ସଦସ୍ୟ ଓ ଅନ୍ୟମାନେ।




ପୁରୀ ବେଳାଭୂମି ଅବରୋଧକୁ ବିରୋଧ କରି ସି-ବିଚ୍ ଫଟୋଗ୍ରାଫର ମହାସଂଘ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ।

## ସଂକ୍ଷେପରେ

### ଗାଈ ମୃତ୍ୟୁକୁ ନେଇ ରାସ୍ତାରୋକୋ

ପୁରୀ ଅଫିସ,୨୯।୯: ପୁରୀ ସଦର ଥାନା ଅଧୀନ ବୀରହରେକୃଷ୍ଣପୁର ଛକଠାରେ ବୁଧବାର ବିଦ୍ୟୁତ ସଂସ୍ପର୍ଶରେ ଆସି ଦୁଇଟି ଗାଈ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ କ୍ଷତିପୂରଣ ଦାବିରେ ଲୋକେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ରାସ୍ତା ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ସଦର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସହ ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଜଣେ ଗାଈଆଳ ଗୋରୁଙ୍କୁ ନେଇ ଫେରୁଥିବା ବେଳେ ବୀରହରେକୃଷ୍ଣପୁର ଟ୍ରାଫିକ ଛକ ନିକଟରେ ଦୁଇଟି ଗାଈ ରାସ୍ତା ପାର୍ଶ୍ୱକୁ ପାଣିରେ ପଶି ଯାଇଥିଲେ। ପୂର୍ବରୁ ପାଣିରେ ବିଦ୍ୟୁତ ତାର ଛିଡ଼ି ପଡ଼ିଥିଲା। ଫଳରେ ଦୁଇଟି ଗାଈ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ବିଦ୍ୟୁତ ବିଭାଗକୁ ଦାୟୀ କରିବା ସହ କ୍ଷତିପୂରଣ ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିଲେ।

### ବିଜେଡିରେ ମିଶିଲେ ଶତାଧିକ କଂଗ୍ରେସ, ଭାଜପା କର୍ମୀ



ପୁରୀ ଅଫିସ,୨୯।୯: ପୁରୀ ଜିଲା ବିଜେଡି ପକ୍ଷରୁ ବୁଧବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ଏବଂ ରାଜ୍ୟସାଧାରଣ ସମ୍ପାଦକ (କାର୍ଯ୍ୟାଳୟ) ତଥା ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ଉପସ୍ଥିତିରେ ବିଜେଡିରେ ଶତାଧିକ କଂଗ୍ରେସ ଓ ଭାଜପା କର୍ମୀ ଯୋଗଦାନ କରିଛନ୍ତି। ବ୍ରହ୍ମଗିରି ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ଲକ୍ଷ୍ମୀଧର ଜେନା, ଭାଜପାର ପୂର୍ବତନ ମଣ୍ଡଳ ସଭାପତି ଗୋପି ଲେଙ୍କା, କଡ଼ାଜିତ ପଞ୍ଚାୟତ ଭାଜପାର ପୂର୍ବତନସମିତି ସଭ୍ୟ ପ୍ରାର୍ଥୀ ପ୍ରଭାକର ଜେନା ଓ ପୂର୍ବତନ ସମବାୟ ପ୍ରଶାସନିକ ଅଧିକାରୀ ରାଜକିଶୋର ପରିଡ଼ା ନିଜ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ଏହି ନେତାମାନେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଥିବା କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ବିଜେଡି ଉପସଭାପତି ସୁରପ୍ରସାଦ ମହାନ୍ତି, ବରିଷ୍ଠ ନେତା ଭଗବାନ ନାୟକ, ବ୍ରହ୍ମଗିରି ବ୍ଲକ୍ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, ଜିଲା ପରିଷଦ ସଦସ୍ୟ କୈଳାସ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଖରିଫ ଧାନ ପାଇଁ ୪୨୪୮ ଚାଷୀ କଲେ ପଞ୍ଜୀକରଣ

ସାକ୍ଷୀଗୋପାଳ,୨୯।୯(ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକରେ ୨୦୨୧ -୨୨ ଖରିଫ ଧାନ କିଣିବା ପାଇଁ ୧୬ଟି ସମବାୟ ସମିତିରେ ସର୍ବମୋଟ ୪୨୮୦ଜଣ ଚାଷୀ ଆବେଦନ କରିଥିଲେ। ସେଥିମଧ୍ୟରୁ ୪୨୪୮ଜଣ ଚାଷୀ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୯୨୯୪.୧୫୮ ହେକ୍ଟର ଚାଷ ଜମି ପଞ୍ଜୀକୃତ କରାଯାଇଛି। ସୂଚନା ଅନୁଯାୟୀ ସାକ୍ଷୀଗୋପାଳରେ ଥିବା ୧୬ଟି ସମବାୟ ସମିତିର ଯଥା ନୂଆ ସମେଶ୍ୱରପୁର ୩୮୦, ମଧୁବନ ୩୨୦, ଶ୍ରୀରାମଚନ୍ଦ୍ରପୁର ୨୭୦, ବଳରମପୁର ଗଡ଼ ୩୫୧, ବୀରରାମଚନ୍ଦ୍ରପୁର ୨୭୩, ପ୍ରଗତି ୨୫୧, ଗବକୁଣ୍ଡ ୨୯୯, କାଦୁଅ ୧୨୯, ସତ୍ୟବାଦୀ ୧୫୬, ମହୁରା ୩୭୬, ମୂଳଅଳସା ୨୧୦, ଦଶବିଦ୍ୟାଧରପୁର ୨୬୭, ସୁକଳ ମାର୍କଣ୍ଡପଡ଼ା ୨୦୦, ବଳପୁର ୨୫୩, ବିଶ୍ୱନାଥପୁର ନୂଆଗାଁ ୧୫୨, ଜାଗେଶ୍ୱରୀ ସମବାୟ ସମିତିରେ ୩୫୬ ଜଣ ଚାଷୀ ଚଳିତ ଖରିଫ ଋତୁରେ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଛନ୍ତି। ପ୍ରକାଶ ଥାଉକି, ଚଳିତ ଖରିଫ ଧାନ ସଂଗ୍ରହ ନିମନ୍ତେ ଜୁଲାଇ ୧୫ରୁ ଚାଷୀମାନଙ୍କ ପଞ୍ଜୀକରଣ ନିମନ୍ତେ ଆବେଦନ ପ୍ରକ୍ରିୟା ଚାଲୁ ରହିଥିଲା। ଚଳିତବର୍ଷ ସମ୍ପୂର୍ଣ୍ଣ ନୂଆ ପଞ୍ଜୀକରଣ ହେବା ସହ ପ୍ରକୃତ ଚାଷୀ ଯେଭଳି ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ସରକାରୀ ସ୍ତରରେ ଗ୍ରହଣ କରାଯାଇଛି। ପଞ୍ଜୀକରଣ ବ୍ୟବସ୍ଥା ସମୀକ୍ଷା କରିବା ପାଇଁ ଏକ ଟିମ୍ କରାଯାଇ କ୍ଷେତ୍ର ପରିଦର୍ଶନ ଓ ପଞ୍ଜୀକରଣର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ଆବଶ୍ୟକ ତଥ୍ୟ ସଂଗ୍ରହ କରି ପ୍ରତ୍ୟେକ ସମବାୟ ସମିତିର ତଥ୍ୟକୁ ଅନଲାଇନ ଜରିଆରେ ଅପଡେଟ କରିବାକୁ କୁହାଯାଇଥିଲା। ଏପରିକି ପଞ୍ଜୀକୃତ ଚାଷୀଙ୍କ ପୁଣି ଏକ ମାଷ୍ଟର ତାଲିକା ପ୍ରକାଶ ପାଇବ ବୋଲି ବିଭାଗୀୟ ଅଧିକାରୀ କମଳ ଆଚାର୍ଯ୍ୟ କହିଛନ୍ତି।

# ଦାବି ପୂରଣ ନ ହେଲେ ଅସହଯୋଗ

ପୁରୀ ଅଫିସ, ୨୯।୯

**ଚେତାବନୀ ଦେଲା ଆୟୁଷ ଡାକ୍ତର ସଂଘ**

ସ୍ଥାୟୀ ନିଯୁକ୍ତି ଦାବିରେ ନିଖିଳ ଓଡ଼ିଶା ଆୟୁଷ ଡାକ୍ତର ସଂଘ ପୁରୀ ଶାଖା ପକ୍ଷରୁ ବୁଧବାର ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୁରୀ ଜିଲା ସଂଘର ସଭାପତି ଡା. ବଲ୍ଲଭ ଭଡ ଏବଂ ସମ୍ପାଦକ ଡା. ତପନ୍ ଜ୍ୟୋତି ଆଚାର୍ଯ୍ୟ କହିଛନ୍ତି, ଜିଲାରେ ୫୪ଜଣଙ୍କ ସମେତ ଓଡ଼ିଶାରେ ୧୧୫୫ ଆୟୁଷ ଡାକ୍ତର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଅଛନ୍ତି। ଦୀର୍ଘ ୧୪ ବର୍ଷ ଧରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଚୁକ୍ତିଭିତ୍ତିକ କାର୍ଯ୍ୟ କରୁଥିଲେ ସୁଦ୍ଧା ଏହି ଡାକ୍ତରମାନଙ୍କୁ ଅଦ୍ୟାବଧି ନିୟମିତ କରାଯାଇ ନାହିଁ। ତୁରନ୍ତ ସ୍ଥାୟୀ ନିଯୁକ୍ତି ଦେବାକୁ ସଂଘ ଦାବି କରିଛି। ୩୦ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଆୟୁଷ ଡାକ୍ତରମାନେ ଅକ୍ଟୋବର ୨ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଅସହଯୋଗ ଆନ୍ଦୋଳନ କରିବେ। ଏହି ସମୟରେ ସେମାନେ କେବଳ ଓପିଡିରେ ରୋଗୀ ଚିକିତ୍ସା କରିବେ। ଅନ୍ୟ କୌଣସି କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ଉପସଭାପତି ଡା. ମହେଶ ପ୍ରସାଦ ମହାପାତ୍ର, ସହ ସମ୍ପାଦିକା ଡା. ଜୟଶ୍ରୀ ଖୁଣ୍ଟିଆ, କୋଷାଧ୍ୟକ୍ଷ ଡା. ରାମ ପ୍ରସାଦ ଷଡ଼ଙ୍ଗୀ ଏବଂ ଡା. ସୌମ୍ୟକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଷୋଳପୂଜା ପାଇଁ ବ୍ରାହ୍ମଣ ବରଣ କଲେ ଗଜପତି

ପୁରୀ ଅଫିସ, ୨୯।୯

ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତଥା ମୂଳାଷ୍ଟମୀ ଦ୍ୱିତୀୟା ଓଷା ବୁଧବାରଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପରିସରସ୍ଥ ମା' ବିମଳାଙ୍କ ପୀଠ, ମା' ଭୁବନେଶ୍ୱରୀ, ମା' ବାଟମଙ୍ଗଳା, ମା' ଉତ୍ତରାୟଣୀ, ମା' ଦକ୍ଷିଣକାଳୀ, ଆଲାମଚଣ୍ଡୀ ଏବଂ କିଳେଶ୍ୱରପୁର ଶାସନର ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ଷୋଡ଼ଶ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀନଅରରେ ୨୧ ଶୋତ୍ରିୟ ବ୍ରାହ୍ମଣଙ୍କୁ ବରଣ କରାଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପଇତା ଲାଗି, ଦେବାର୍ଚ୍ଚନା, ମଙ୍ଗଳାର୍ପଣ ନୀତି ପରେ ଶୋତ୍ରିୟ ବ୍ରାହ୍ମଣମାନଙ୍କୁ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ ଛୁଆଁ ଗୁଆ ଓ ନଡ଼ିଆ ଦେଇ ବରଣ କରିଥିଲେ। ସନ୍ତୋଷ କୁମାର ରଥ, ବିଚିତ୍ରାନନ୍ଦ ମହାପାତ୍ର ପରିଚ୍ଛା, ଭଗବାନ ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ଦାଶ, ପ୍ରଫୁଲ୍ଲ କୁମାର ଚଇନି, ଦୁର୍ଗା ପ୍ରସାଦ ମିଶ୍ର, ଗଦାଧର ଦାଶ ଦେବୀ, ବସନ୍ତ କୁମାର ମିଶ୍ର (ଖ), ସରୋଜ କୁମାର ମିଶ୍ର ଏବଂ ରାମଚନ୍ଦ୍ର ମିଶ୍ରଙ୍କୁ ବରଣ କରାଯାଇଛି। ସେହିପରି ହିମାଂଶୁ ଭୂଷଣ ତ୍ରିପାଠୀ, ବିଶ୍ୱନାଥ ମିଶ୍ର, ଚକ୍ରଧର ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର, ସୂର୍ଯ୍ୟନାରାୟଣ ତ୍ରିପାଠୀ, ବିଚିତ୍ରାନନ୍ଦ ମିଶ୍ର, ବିଶ୍ୱମ୍ଭର ଦାଶ, ରାମଚନ୍ଦ୍ର ମହାପାତ୍ର, ନୀଳାଦ୍ରି ବିହାରୀ ମିଶ୍ର, ସୁଧାକର ତ୍ରିପାଠୀ ଏବଂ ପ୍ରକାଶ ଚନ୍ଦ୍ର କରଙ୍କୁ ବରଣ କରାଯାଇଛି।



ଗଜପତିଙ୍କ ସହ ଷୋଳପୂଜା ପାଇଁ ବରଣ ହୋଇଥିବା ବିଭିନ୍ନ ଦେବୀ ପୀଠର ଶୋତ୍ରିୟ ବ୍ରାହ୍ମଣ।

**ସେଲ୍ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ପ୍ରିୟଙ୍କା



@ ଦୁଷ୍ମନ୍ତ



@ ଦିପୁନ



@ ଜଗଦୀଶ



@ ଉତ୍ତମ



@ ରାହୁଲ

# ଷଣ୍ଢ ପାଇଁ ଲଣ୍ଡା ହେଲେ ୨୫

ନିମାପଡ଼ା,୨୯।୯(ଡି.ଏନ୍.ଏ.)



ଆମ ହିନ୍ଦୁ ସଂସ୍କୃତିରେ କେହି ବ୍ୟକ୍ତି ମୃତ୍ୟୁବରଣ କଲେ, ପରିବାର, ବନ୍ଧୁ, ଆତ୍ମୀୟମାନେ ଶୁଦ୍ଧିକ୍ରିୟା, କର୍ମ କରିଥାନ୍ତି। ହେଲେ ଗ୍ରାମରେ ଚଳାଚଳ କରୁଥିବା ଏକ ଷଣ୍ଢର ମୃତ୍ୟୁ ଘଟିବା ପରେ ଦଶାହ ଦିନ ଗ୍ରାମବାସୀ ଲଣ୍ଡା ହୋଇ ଶୁଦ୍ଧିକ୍ରିୟା ପାଳନ କରିଛନ୍ତି। ଏଭଳି ନିଆରା ଘଟଣା ପୁରୀ ଜିଲା ନିମାପଡ଼ା ବ୍ଲକ ବଡ଼ମାଛପୁର ପଞ୍ଚାୟତର ବାରାଗୋରଡ଼ା ଗ୍ରାମରେ ବୁଧବାର ଦେଖିବାକୁ ମିଳିଛି। ସାଧାରଣରେ ଷଣ୍ଢଟି ପଶୁ ହେଲେ ମଧ୍ୟ ଗ୍ରାମବାସୀ କେତେ ତାକୁ ଭଲପାଉଥିଲେ ତାହା ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ ହେଉଛି। ସାଧାରଣତଃ ଆମ ହିନ୍ଦୁ ଧର୍ମରେ ଷଣ୍ଢ ବା ବୃଷଭଙ୍କୁ ପ୍ରଭୁ ମହାଦେବଙ୍କ ବାହାନ ଭାବେ ବିବେଚିତ କରାଯାଏ। ବାରାଗୋରଡ଼ା ଗ୍ରାମରେ ଦୀର୍ଘ ୨୫ ବର୍ଷ ଧରି ସ୍ଥାନୀୟ ଏକ ମନ୍ଦିର ବେଢ଼ାରେ ବୁଲାବୁଲି କରୁଥିବା ଏହି ଷଣ୍ଢକୁ ପ୍ରଭୁ ଜଟେଶ୍ୱର ଦେବଙ୍କ ବାହନ ବୋଲି କୁହନ୍ତି। ତେବେ ଏହି ଷଣ୍ଢଟିର ଗତ ୨୦ତାରିଖରେ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଷଣ୍ଢଟିର ଶୋଭାଯାତ୍ରାରେ ଘଣ୍ଟଘଣ୍ଟି ବଜାଇ ଗ୍ରାମ ପରିକ୍ରମା କରି ଗ୍ରାମରେ ଥିବା ଗୋପାଳମାନଙ୍କ ଗୋଠ ପଡ଼ିଆରେ ପୋତି ସମାଧି ଦେଇଥିଲେ। ଷଣ୍ଢ ମୃତ୍ୟୁର ବୁଧବାର ୧୦ଦିନ ହୋଇଥିବାରୁ ଗ୍ରାମବାସୀ ଶୁଦ୍ଧିକ୍ରିୟା କରିଥିବାବେଳେ ଗ୍ରାମର ପ୍ରାୟ ୨୫ଜଣ ବ୍ୟକ୍ତି ଲଣ୍ଡା ହୋଇ କାର୍ଯ୍ୟ ପାଳିଥିବା ସମିତିସଭ୍ୟ ପ୍ରୀତିରେଖା ବେହେରା, ୱାର୍ଡସଭ୍ୟା ମନୋରମା ସ୍ୱାଇଁ, ରମେଶ ଚନ୍ଦ୍ର ବେହେରା, ଶଙ୍କର ବେହେରା, ସଞ୍ଜୟ ବେହେରା ପ୍ରମୁଖ କହିଛନ୍ତି। ଏହି ଶୁଦ୍ଧିକ୍ରିୟାରେ କର୍ତ୍ତାଭାବେ ଚକ୍ରଧର ସ୍ୱାଇଁ ସମସ୍ତ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଗୁରୁବାର ଷଣ୍ଢଟିର ଏକାଦଶାହ, ମହୋତ୍ସବ, ନାମ ସଂକୀର୍ତ୍ତନ, ପ୍ରସାଦ ସେବନ ଆଦି କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।

# କାମରେ ଆସୁନି ସ୍ୱାସ୍ଥ୍ୟ, ବିପିଏଲ୍ କାର୍ଡ

ସାକ୍ଷୀଗୋପାଳ,୨୯।୯(ସ୍ୱ.ପ୍ର.)



- ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲ ଘୂରିବୁଲୁଛନ୍ତି
- ସହାୟତା ଅପେକ୍ଷାରେ କ୍ୟାନ୍ସର ପୀଡ଼ିତ ସୁଦାମ

ସରକାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ଗରିବମାନେ ଏହି ସବୁ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଅଭିଯୋଗ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଞ୍ଚଳରୁ ଆସିଛି। ଏହି ବ୍ଲକ ଅଧୀନ ମହୁରା ପଞ୍ଚାୟତର ମୁହୁରା ଗ୍ରାମର ସୁଦାମ ବାରିକ(୬୪) ଗଳା କ୍ୟାନ୍ସରରେ ପୀଡ଼ିତ ଅଛନ୍ତି। ବିଭିନ୍ନ ହସ୍ପିଟାଲ ଯାଇଥିଲେ ମଧ୍ୟ କେଉଁଠି ବେଡ୍ ମିଳୁ ନାହିଁ ତ ଅନ୍ୟ କେଉଁଠି ସ୍ୱାସ୍ଥ୍ୟ କାର୍ଡ, ବିପିଏଲ୍ କାର୍ଡ ଦେଖାଇଲେ କର୍ତ୍ତୃପକ୍ଷ ନାନା ଆଳ ଦେଖାଇ ଠିକ୍‌ଭାବେ ଚିକିତ୍ସା କରୁ ନ ଥିବା ସୁଦାମଙ୍କ ପୁଅ ଶ୍ରୀନିବାସ ଅଭିଯୋଗ କରିଛନ୍ତି। ସୁଦାମ, ସ୍ତ୍ରୀ ବାସନ୍ତୀ ଓ ଏକମାତ୍ର ପୁଅ ଶ୍ରୀନିବାସକୁ ନେଇ ଦୁଃଖକଷ୍ଟରେ ପରିବାର ଚଳୁଛି। ୩ ମାସ ତଳେ ସୁଦାମଙ୍କ ଗଳାରେ ଯନ୍ତ୍ରଣା ହେବାରୁ ଶ୍ରୀନିବାସ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିଛିଦିନ ଔଷଧ ଖାଇବା ପରେ ମଧ୍ୟ ଯନ୍ତ୍ରଣା ନ କମିବାରୁ ଶ୍ରୀନିବାସ ବାପାଙ୍କୁ ଧରି କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଜାଣିବାକୁ ପାଇଲେ ବାପାଙ୍କ ଗଳାରେ କ୍ୟାନ୍ସର ହୋଇଛି। ତେଣୁ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ଆଚାର୍ଯ୍ୟ ହରିହର କ୍ୟାନ୍ସର ବିଭାଗକୁ ସ୍ଥାନାନ୍ତରିତ କରିଥିଲେ। ତେବେ ତାଙ୍କୁ ବେଡ୍ ମିଳି ନ ଥିଲା। ଯନ୍ତ୍ରଣା ଅଧିକ ହେବାରୁ ଶେଷରେ ବାପାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ବିଭାଗୀୟ ଡାକ୍ତର ସେଠାରେ ଅଧିକ ଖର୍ଚ୍ଚ ହେବ ବୋଲି କହିଥିଲେ। ଶ୍ରୀନିବାସଙ୍କ ପାଖରେ ବିପିଏଲ, ରାଶନ କାର୍ଡ, ବିଜୁ ସ୍ୱାସ୍ଥ୍ୟ କାର୍ଡ ଥାଇ ମଧ୍ୟ କୌଣସି କାମରେ ଲାଗିଲାନି। ଫଳରେ ନିରାଶ ହୋଇ ଶ୍ରୀନିବାସ ଧାର ଉଦ୍ଧାର କରି ସର୍ବସାନ୍ତ ହେବା ପରେ ବାପାଙ୍କୁ ଘରକୁ ନେଇଆସିଛନ୍ତି। ସାମାଜିକ କର୍ମୀ ସୁଶିଲ ସାହୁ ଏହା ଜାଣିବା ପରେ ସାହାଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ପୁରୀ ଜିଲାପାଳ, ସିଡିଏମ୍‌ଓଙ୍କୁ ଟୁଇଟ କରି ନିବେଦନ କରିଛନ୍ତି। ଏଥିପାଇଁ ପୁଅ ଶ୍ରୀନିବାସ ସହାୟତା ପାଇଁ ଗୁହାରି କରିଛନ୍ତି। ନିକଟସ୍ଥ ପୋଷ୍ଟ ଅଫିସ ଆକାଉଣ୍ଟ ନଂ.୦୧୦୦୦୧୩୫୪୭୯୩, Cif no-୩୯୯୧୧୭୧୪୪, ମୋବାଇଲ ଫୋନ ନଂ. ୮୯୧୭୩୧୩୫୧୪ରେ ସହଯୋଗ ପାଇଁ ନିବେଦନ କରିଛନ୍ତି।

**୩୪ ୟୁନିଟ ରକ୍ତ ସଂଗ୍ରହ**

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ୍ ଏବଂ ଓଡ଼ିଶା ମୋ ପରିବାର ମିଳିତ ଆନୁକୂଲ୍ୟରେ ବୁଧବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସନତ୍ ମହାନ୍ତି ଉଦ୍ଘାଟନ କରିଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷାଧିକାରୀ ତଥା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲା ମୁଖ୍ୟ କମିଶନର୍ ବନ୍ଦନା ମହାପାତ୍ର ଉପସ୍ଥିତ ଥିଲେ। ୩୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମୋ ପରିବାର ଜିଲା ସଙ୍ଗଠକ ଦିଲୀପ ହୋତା, ଶ୍ରୀକୁମାର ଖୁଣ୍ଟିଆ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅମିତ୍ରା ପ୍ରାଡିନନ୍ଦା, ସ୍ନିଗ୍ଧା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପଠାଣି ଆଗ୍ରାସିଂ, ପୀତବାସ ପଟ୍ଟନାୟକ, ଅନୁସୂୟା ସୁନ୍ଦରାୟ ପ୍ରମୁଖ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୯।୯:** ଖୋର୍ଦ୍ଧାରେ ଗଞ୍ଜେଇ କାରବାର ବଢ଼ିବାରେ ଲାଗିଛି। କନ୍ଧମାଳରୁ ଗଞ୍ଜେଇ ଲୁଛାଛପାରେ ଖୋର୍ଦ୍ଧାକୁ ଆସୁଛି। ଏଠାରୁ ଗ୍ରାମାଞ୍ଚଳକୁ ଚାଲାଣ ହେଉଥିବା ଜଣାପଡ଼ିଛି। ୧୬ ନମ୍ବର ଜାତୀୟ ରାଜପଥ ଏକ ପେଟ୍ରୋଲପମ୍ପ ନିକଟରୁ କାରରେ ଚାଲାଣ ହେଉଥିବା ୧କୁଇଣ୍ଟାଲ ଗଞ୍ଜେଇ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ। ଏଥିରେ ସଂପୃକ୍ତି ନେଇ ବୁଧବାର ନୟାଗଡ ଫତେଗଡ ଥାନା ଜମୁସାହିର କାର୍ ଡ୍ରାଇଭର ଅଶୋକ ସାହୁଙ୍କୁ ଗିରଫ କରାଯାଇଛି ବୋଲି ଏସ୍ପି ରାଜକିଶୋର ଦୋରା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅନ୍ୟ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର କନ୍ଧମାଳ ପଟୁ କାର୍ (ନଂ. ଓଡ଼ି୦୨ ଏଏଲ୫୧୬୦) ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଏସ୍ପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସଡିପିଓ ସୁଶିଲ କୁମାର ମିଶ୍ର, ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଛକି ରହିଥିଲେ। ଜାତୀୟ ରାଜପଥରେ ସମ୍ପୃକ୍ତ କାର୍କୁ ଅଟକାଇ ତଦନ୍ତ ବେଳେ ୫ଟି ବ୍ୟାଗ ଭର୍ତ୍ତି ଗଞ୍ଜେଇ ମିଳିଥିଲା। ପୋଲିସ ତାହାକୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୩୮୩/୨୧) ରୁଜୁ ହୋଇଛି। ଚଢ଼ାଉରେ ଏସ୍ଆଇ ବିଜୟ କୁମାର ବେହେରା, ଦିଗବିଜୟ ବିଶ୍ୱାଳ, ପି.ଏଲ୍.ବେହେରା, ଏଏସ୍ଆଇ ଡି. ମୁଦୁଲି, କନଷ୍ଟେବଲ ପିକେ ହରିଚନ୍ଦନ, ବି.କନାର ପ୍ରମୁଖ ସାମିଲ ଥିଲେ।

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ନାମରେ ଲାଗିଲା ଚାରା

**ନିରାକାରପୁର,୨୯।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା କମାଗୁରୁ ପଞ୍ଚାୟତରେ ଥିବା ରାମଚନ୍ଦ୍ର କଳ୍ପନା ମହାବିଦ୍ୟାଳୟ ପରିସରରେ ବୁଧବାର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନାମରେ ବିଭିନ୍ନ ପ୍ରକାରର ଔଷଧୀୟ ଚାରାରୋପଣ କରାଯାଇଛି। ଏଥିରେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ପୂର୍ବତନ ବିଧାୟକ ଡ.ଦିଲୀପ ଶ୍ରୀଚନ୍ଦନ, ଡ. ମନୋଜ ସାହୁ, ଇଂ.ବିଶ୍ୱମୋହନ ପଟ୍ଟନାୟକ, ଓଷ୍ଟାର ସହ ସାଧାରଣ ସମ୍ପାଦକ ରମାକାନ୍ତ ମହାପାତ୍ର ଅତିଥିରୂପେ ଯୋଗଦେଇ ଏହି ଚାରାରୋପଣ କାର୍ଯ୍ୟକ୍ରମ କରିଥିଲେ। ପ୍ରଥମେ କଲେଜ ଅଧକ୍ଷ ପ୍ରକୃତି ବନ୍ଧୁ ସୁଧାଂଶୁ ଶେଖର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଐତିହାସିକ ରବୀନ୍ଦ୍ର ପରିଡ଼ା, ଅଧାପକ ରଞ୍ଜନ ମହାପାତ୍ରଙ୍କୁ ଗ୍ରୀନ ଆର୍ମି କମାଣ୍ଡେଣ୍ଟ, ସାମାଜିକ କର୍ମୀ ମନୋଜ ସାହୁଙ୍କୁ ଶ୍ରେଷ୍ଠ ବୃକ୍ଷ ପ୍ରେମୀ, ସାହିତ୍ୟିକ ବଳରାମ ତରାଇଙ୍କୁ ସବୁଜ ସାରସ୍ୱତ ସମ୍ମାନ, ବର୍ଷୀୟାନ ସ୍ୱାଧୀନତା ସଗ୍ରାମୀ ଗୋପୀନାଥ ପରିଜା, ଶତ୍ରୁଘ୍ନ ମାନସିଂହ, ଗୋଦାବରୀ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ପରିଚାଳନା କରିଥିଲେ।

## ଜାତୀୟ ସେବା ଯୋଜନାରେ ଚାରାରୋପଣ

**ଜଟଣୀ,୨୯।୯(ଡି.ଏନ୍.ଏ.):** ଜଟଣୀ ବ୍ଲକ୍ ମଦନପୁରସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ''ଜାତୀୟ ସେବା ଯୋଜନା'' ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ଏନ୍ଏସ୍ଏସ୍ର ସଂଯୋଜକ ଡ.ଚକ୍ରଧର ବେହେରା, କାର୍ଯ୍ୟକ୍ରମ ଅଧିକାରୀ ଡ.ସନ୍ଦୀପ ରାଉତ, ଡ.ଇତିଶ୍ରୀ ସାହୁଙ୍କ ସହିତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ରହି ବିଭିନ୍ନ ଉପାଦେୟ ବୃକ୍ଷର ଚାରାରୋପଣ କରିଥିଲେ।

## ଶିଶୁ ଯତ୍ନ, ଶିକ୍ଷା ତାଲିମ କର୍ମଶାଳା ଉଦ୍ଯାପିତ

**କୃଷ୍ଣପ୍ରସାଦ,୨୯।୯(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକର ମହିଳା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଆଦ୍ୟ ଶୈଶବର ଯତ୍ନ ଓ ଶିକ୍ଷା ସମ୍ପର୍କରେ ୬ଦିନ ଧରି ଚାଲିଥିବା ତାଲିମ କର୍ମଶାଳା ବୁଧବାର ଉଦ୍ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ୨୧ଟି ପଞ୍ଚାୟତର ୪୦ଜଣ ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରିଥିଲେ। ତାଲିମ ଶିବିରକୁ ସିଡିପିଓ ମନୋରମା ଦେବୀ ପରିଚାଳନା କରୁଥିଲେ। ସୁପରଭାଜର ମାଗୁଣୀ ପ୍ରଧାନ, ଦୀପ୍ତିରାଣୀ ଦଣ୍ଡପାଟ, ଲୀନା ମହାପାତ୍ର, ରମାମଣୀ ନାୟକ, କାର୍ଯ୍ୟାଳୟର ମୁଖ୍ୟ କିରାଣି ପ୍ରମୋଦ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ପାସ୍ ହାର ୮୬.୨%, ଛାତ୍ରୀ ଆଗରେ



ଅଧାପିକା ଓ ଅଧାପକଙ୍କ ଗହଣରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ।

## ପି.ଏନ୍. କଲେଜ ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ

- ମନୀଷା ମହାରଣା କଲେଜ ଟପ୍ପର
- ଭେନିଲା, ବେବିନା ଓ ମନୀଷା ଶ୍ରେଷ୍ଠ ସ୍ନାତକ

**ଖୋର୍ଦ୍ଧା ଅଫିସ,୨୯।୯**

ପ୍ରାଣନାଥ (ପି.ଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। କଲେଜ ମୈତ୍ରୀ ଭବନ ପରିସରରେ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗ ପରୀକ୍ଷା ଫଳ ପ୍ରକାଶ କରାଯାଇଛି। ୩ ବିଭାଗରେ ମୋଟ ୧୨୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦୭୪ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୮୬.୨% ରହିଛି। ଗତବର୍ଷ ଭଳି ଚଳିତ ବର୍ଷ ମଧ ସମସ୍ତ ବିଭାଗରେ ଛାତ୍ରୀ ଆଗରେ ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୯.୯୭% ଥିବାବେଳେ ଛାତ୍ରଙ୍କ ପାସ୍ ହାର ୮୬.୯%। ବାଣିଜ୍ୟରେ ୪୧୮ଜଣ ପରୀକ୍ଷା ଦେଇଥିଲେ। ୩୪୭ ଜଣ ପାସ କରିଛନ୍ତି। ପାସହାର ୮୩%। ସେହିପରି କଳାରେ ୪୩୪ ଜଣ ପରୀକ୍ଷା ଦେଇଥିବାବେଳେ ୩୭୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୮୬.୯ %। ବିଜ୍ଞାନରେ ୩୯୪ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୫୦ ପାସ୍ କରିଛନ୍ତି। ପାସ୍ ହାର ୮୮.୮% ହୋଇଛି। ବାଣିଜ୍ୟରେ ଏଲ୍. ଭେନିଲା, କଳାରେ ଶିକ୍ଷା ସମ୍ମାନ ଛାତ୍ରୀ ବେବିନା ବେହେରା ଏବଂ ବିଜ୍ଞାନରେ ରସାୟନ ବିଜ୍ଞାନ ସମ୍ମାନ ଛାତ୍ରୀ ମନୀଷା ମହାରଣା ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଏତଦ୍ବ୍ୟତୀତ ମନୀଷା ସର୍ବୋଚ୍ଚ ନମ୍ବର ରଖି ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରିଛନ୍ତି। ସାମ୍ବତ୍ସରିକ ଉତ୍ସବ-୨୦୨୨ରେ ଏହି ଛାତ୍ରୀମାନଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ।

ପରୀକ୍ଷାଫଳ ପ୍ରକାଶ କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ଅଧକ୍ଷ ତଥା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଜ୍ଞାନର ପରିସୀମା ବିକାଶ ନିମନ୍ତେ ପରାମର୍ଶ ଦେଇଥିଲେ। କଲେଜ ଅଧକ୍ଷ ଡ. ରଞ୍ଜିତ ସେଠୀ ସ୍ୱାଗତ ଭାଷଣ ଦେବା ସହ ପରୀକ୍ଷାଫଳ ଘୋଷଣା କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଡ. ଦେବୀପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇ କହିଥିଲେ, ଏହି ଅନ୍ତିମ ପରୀକ୍ଷାଫଳ ୬ଟି ସେମିଷ୍ଟର ପରୀକ୍ଷାର ମୋଟ ଫଳାଫଳକୁ ନେଇ ପ୍ରସ୍ତୁତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଟପ୍ପର ଛାତ୍ରୀଛାତ୍ର, ବିଭାଗୀୟ ମୁଖ୍ୟ, ଅଧାପିକା ଅଧାପକ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

### ବିଭିନ୍ନ ବିଭାଗର ଶ୍ରେଷ୍ଠ ଛାତ୍ରୀଛାତ୍ର

| ସମ୍ମାନ | ନାମ | ରଖିଥିବା ନମ୍ବର |
|---|---|---|
| ବାଣିଜ୍ୟ | ପି. ଶ୍ୟାମଲା | ୧୯୨୫ |
| ଉଦ୍ଭିଦ ବିଜ୍ଞାନ | ବିଷ୍ଣୁପ୍ରସାଦ ସାହୁ | ୨୧୪୪ |
| ରସାୟନ ବିଜ୍ଞାନ | ମନୀଷା ମହାରଣା | ୨୩୨୧ |
| କମ୍ପ୍ୟୁଟର ସାଇନ୍ସ | ଦିଲୀପ ପୃଷ୍ଟି | ୨୨୩୪ |
| ଇଲେକ୍ଟ୍ରୋନିକ୍ସ | ପ୍ରସନ୍ନ ସାମନ୍ତରାୟ | ୨୦୮୫ |
| ଭୂଗୋଳ | ଆଲୋକ ପ୍ରଧାନ | ୧୯୭୮ |
| ଭୂବିଜ୍ଞାନ | ସଂକଳ୍ପ ପଣ୍ଡା | ୨୨୧୬ |
| ଗଣିତ | ଜ୍ୟୋତିରାଣୀ ସାହୁ | ୨୧୮୧ |
| ପଦାର୍ଥ ବିଜ୍ଞାନ | ବାପୁନି ପ୍ରଧାନ | ୨୨୯୦ |
| ପ୍ରାଣୀ ବିଜ୍ଞାନ | ସୂର୍ଯ୍ୟପ୍ରକାଶ ତ୍ରିପାଠୀ | ୨୧୭୨ |
| ଅର୍ଥନୀତି | ସ୍ମୃତି ସ୍ୱାଗତିକା ସାହୁ | ୧୯୫୮ |
| ଶିକ୍ଷା | ବେବିନା ବେହେରା | ୨୨୪୭ |
| ଇଂଲିଶ | ଶାଶ୍ୱତ ବଡଜେନା | ୧୯୭୦ |
| ଇତିହାସ | ଲକ୍ଷ୍ମୀପ୍ରିୟା ସ୍ୱାଇଁ | ୧୭୯୩ |
| ଓଡ଼ିଆ | ଗାୟତ୍ରୀ ସୁନ୍ଦରାୟ | ୧୭୮୨ |
| ଦର୍ଶନ | ବିରଞ୍ଚି ଜେନା | ୧୫୯୪ |
| ରାଜନୀତି ବିଜ୍ଞାନ | ରାଜେଶ ପଲାଇ | ୧୮୯୨ |
| ମନୋବିଜ୍ଞାନ | ଇଶିକା ଶର୍ମା | ୨୧୭୯ |
| ସଂସ୍କୃତ | ପ୍ରଜ୍ଞା ବୈରିଶଲ | ୧୯୭୦ |

### ବୈଜ୍ଞାନିକ ହେବା ଲକ୍ଷ୍ୟ: ମନୀଷା



ଦିନକୁ ୫ରୁ ୭ଘଣ୍ଟା ପରିଶ୍ରମ କରୁଥିଲି। ବିଭାଗରେ ଟପ୍ପର ହେବି ବୋଲି ଆଶା ରଖିଥିଲି। ଶ୍ରେଷ୍ଠ ସ୍ନାତକ ସହ କଲେଜ ଟପ୍ପର ହେବାର ଗୌରବ ହାସଲ କରିଛି। ଏଥିଲାଗି ମୁଁ ବହୁତ ଖୁସି। ଏହି ସଫଳତା ପଛରେ ବିଭାଗୀୟ ଅଧାପିକା, ଅଧାପକ ଏବଂ ମୋ ମା' ବାପାଙ୍କ ପ୍ରେରଣା ରହିଛି।

## ପାସେଞ୍ଜର ଆମିନିଟି କମିଟିର ରେଳ ଷ୍ଟେଶନ ପରିଦର୍ଶନ

**ଜଟଣୀ,୨୯।୯(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବିଭିନ୍ନ ରେଳ ଷ୍ଟେଶନକୁ ପାସେଞ୍ଜର ଆମିନିଟି କମିଟିର ସଦସ୍ୟମାନେ ବୁଧବାର ପରିଦର୍ଶନ କରିଛନ୍ତି। ରେଳ ପ୍ରଶାସନର ସୂଚନା ମୁତାବକ, ଚଳିତ ୨୭ ତାରିଖରୁ ରେଲୱେ ବୋର୍ଡର ପାସେଞ୍ଜର ଆମିନିଟି କମିଟିର ଏକ ୭ଜଣିଆ ଦଳ ୩ ଦିନିଆ ଗସ୍ତରେ ଆସି ରେଳମଣ୍ଡଳ ଅଧୀନରେ ଥିବା ବିଭିନ୍ନ ରେଳ ଷ୍ଟେଶନ ନିରୀକ୍ଷଣ କରିଛନ୍ତି। କମିଟି ସଦସ୍ୟ ଅଜୟ କୁମାର ଯାଦବ, ଅଭିଜିତ ଦାସ, ରାମ କୁମାର ପହାନ, ଅଭିଲାସ ପାଣ୍ଡେ, ବିଚିତ୍ର ନାରାୟଣ କଳିତା ଏବଂ ସୁନୀଲ ରାମ ପ୍ରମୁଖ ଖୋର୍ଦ୍ଧା ରୋଡ(ଜଟଣୀ)ରେଳ ମଣ୍ଡଳ ଅଧୀନରେ ଥିବା କଟକ ରେଳ ଷ୍ଟେଶନ, ଧାନମଣ୍ଡଳ, ଯାଜପୁର-କେନ୍ଦୁଝର ରୋଡ, ଭଦ୍ରକ, ବ୍ରହ୍ମପୁର, ଛତ୍ରପୁର, ବାଲୁଗାଁ, ପୁରୀ, ସାକ୍ଷୀଗୋପାଳ ଏବଂ ଖୋର୍ଦ୍ଧା ରୋଡ୍ ସମୁଦାୟ ୧୦ଟି ରେଳ ଷ୍ଟେଶନ ବୁଲି ଦେଖିଛନ୍ତି। ଷ୍ଟେଶନଗୁଡ଼ିକରେ ଯାତ୍ରୀଙ୍କ ମୌଳିକ ସୁବିଧା ପାନୀୟ ଜଳ, ୱେଟିଂ ହଲ ସୁବିଧା, ପ୍ଲାଟଫର୍ମ ବିଶ୍ରାମ ସ୍ଥଳ, ବ୍ରିଜ୍ ପାଦଚଲା ରାସ୍ତା, ଯାତ୍ରୀମାନଙ୍କ ଷ୍ଟେଶନରେ ବସିବା ସୁବିଧା, ଲିଫ୍ଟ/ଏସ୍କାଲେଟର ଏବଂ ସ୍କାନର ଇତ୍ୟାଦିର କାର୍ଯ୍ୟ ସୁବିଧା ସମ୍ପର୍କରେ ସଦସ୍ୟମାନେ ନିରୀକ୍ଷଣ କରିଥିଲେ। ଏଥିସହ ବିଭିନ୍ନ ଷ୍ଟେସନ ପରିସର ପରିଷ୍କାର ପରିଚ୍ଛନ୍ନତା ଏବଂ କ୍ୟାଟିଂ ଷ୍ଟଲରେ ମିଳୁଥିବା ଖାଦ୍ୟ ପଦାର୍ଥର ମଧ ପରୀକ୍ଷଣ କରିଥିଲେ। ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେଶନ(ଜଟଣୀ)ରେ ନିରୀକ୍ଷଣ ପରେ କମିଟି ସଦସ୍ୟଗଣ ରେଳମଣ୍ଡଳ ପ୍ରବନ୍ଧକଙ୍କ ସହ ଆଲୋଚନା କରିଥିଲେ।

## ଅଧାପକଙ୍କ ସମ୍ମୁଖରେ ଅଣଛାତ୍ରଙ୍କୁ ଆଣ୍ଠେଇଲେ

**ଭିଡିଓ ଭାଇରାଲ**

**ଗୋପ,୨୯।୯(ଡି.ଏନ୍.ଏ.)**

ଗୋପ କଜେଲ ପରିସରରେ ମଙ୍ଗଳବାର ଜଣେ ଛାତ୍ରୀଙ୍କୁ କମେଣ୍ଟ କରିବା ନେଇ ଉତ୍ତେଜନା ଲାଗିରହିଥିଲା। ତେବେ କେତେଜଣ ଛାତ୍ରମାନେ ଏହା ଜାଣିବା ପରେ କମେଣ୍ଟ କରିଥିବା ଅଣଛାତ୍ରମାନଙ୍କୁ କଲେଜର ଜଣେ ଅଧାପକ ସମ୍ମୁଖରେ ମାଡ଼ ମାରିବା ସହ ଆଣ୍ଠେଇଥିଲେ। ଏ ନେଇ ଏକ ଭିଡିଓ ବୁଧବାର ଭାଇରାଲ ହୋଇଛି। ଏହି ଘଟଣା ପରେ କଲେଜ କର୍ତ୍ତୃପକ୍ଷଙ୍କ ନୀରବଦ୍ରଷ୍ଟା ସମସ୍ତଙ୍କୁ ଚକିତ କରିଛି। ଏପରି ଏକ ସମ୍ବେଦନଶୀଳ ଘଟଣାକୁ କଲେଜ ଅଧକ୍ଷା ଦାୟିତ୍ୱରେ ଥିବା ପ୍ରିୟମ୍ବଦା ପଣ୍ଡା କେବଳ ଏକ ସମ୍ପୃକ୍ତ ଅଣଛାତ୍ରଙ୍କଠାରୁ ଅଣ୍ଡରଟେକିଙ୍ଗ ଲେଖି ଛାଡ଼ି ଦେଇଥିଲେ। ଏଠାରେ ପ୍ରଶ୍ନ ଉଠେ ଯଦି ଜଣେ ଅଣଛାତ୍ର କଲେଜର ଛାତ୍ରୀଙ୍କୁ କମେଣ୍ଟ ମାରିଲା ଅଧକ୍ଷା କାହିଁକି ଆଇନର ଆଶ୍ରୟ ନେଲେ ନାହିଁ। ଏପରି ଆଣ୍ଠେଇବା, ମାଡ଼ ମାରିବା ଘଟଣାକୁ କିପରି ଅଧାପକ ଦେଖି ନୀରବଦ୍ରଷ୍ଟା ସାଜିଲେ ବୋଲି ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ଉଗ୍ରତାରା, ଉତ୍ତରାୟଣୀ ପୀଠରେ ଷୋଳପୂଜା



ମା'ଙ୍କ ଉଗ୍ରତାରା ବେଶ।



ଜଟଣୀସ୍ଥିତ ଉତ୍ତରାୟଣୀ ପୀଠରେ ମା'ଙ୍କ ଷୋଳପୂଜା ଆରମ୍ଭ ହୋଇଛି।

**ନିରାକାରପୁର/ଜଟଣୀ, ୨୯।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନୂଆଗଡ଼ ପଞ୍ଚାୟତ ମୂଳୀଝରଠାରେ ଥିବା ମା' ଉଗ୍ରତାରାଙ୍କ ପୀଠରେ ଷୋଳପୂଜା କରୋନା କଟକଣା ଅନୁସାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ତେବେ ବୁଧବାର ଦ୍ୱିତୀୟ ଦିବସରେ ମା' ଉଗ୍ରତାରା ବେଶରେ ସଜ୍ଜିତ ହୋଇଛନ୍ତି। ଏଥିସହ ମା'ଙ୍କର ପୂର୍ବ ଭଳି ନୀତିକାନ୍ତି ଜାରି ରହିଛି। ସକାଳୁ ବାଳ ଭୋଗ ହେବା ପରେ ମଧାହ୍ନରେ ଅନ୍ନ ଭୋଗ ଏବଂ ସନ୍ଧ୍ୟାରେ ଆଳତି ଭୋଗ କରାଯାଇଛି ବୋଲି ପୂଜକ ମନୋରଞ୍ଜନ ସାମନ୍ତରାୟ ଏବଂ ବିରଞ୍ଚି ସାମନ୍ତରାୟ ସୂଚନା ଦେଇଛନ୍ତି। ମା'ଙ୍କର ଏହି ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କର ମନ୍ଦିରକୁ ସୁଅ ଛୁଟିଥିଲା। ସେହିପରି ଜଟଣୀର ଆରାଧ ଦେବୀ ତଥା ରାମଚନ୍ଦ୍ରପୁର ଓ ବଡନୂଆଗାଁର ଗ୍ରାମ ଦେବୀ ମା'ଉତ୍ତରାୟଣୀଙ୍କ ପୀଠରେ ବୁଧବାରଠାରୁ ଷୋଳ ପୂଜା ଆରମ୍ଭ ହୋଇଛି। ଦେବୀ ପୀଠରେ ମା'ଙ୍କ ଉପାସନା ଓ ପୂଜା ପରିପ୍ରେକ୍ଷୀରେ ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥିଠାରୁ ମା'ଉତ୍ତରାୟଣୀଙ୍କ ଷୋଳପୂଜା ରୀତିନୀତି ଆରମ୍ଭ କରାଯାଇଛି। ପ୍ରତ୍ୟୁଷରୁ ମା'ଙ୍କୁ ସହସ୍ରାକୁମ୍ଭ ଜଳରେ ଜଳାଭିଷେକ କରିବା ପରେ ପୂଜାର୍ଚ୍ଚନା କରି ଘଟ ସ୍ଥାପନ କରାଯାଇଥିଲା। ଦଶହରା ପର୍ଯ୍ୟନ୍ତ ୧୬ଦିନ ବ୍ୟାପୀ ମା'ଙ୍କ ନିକଟରେ ପ୍ରତିଦିନ ଚଣ୍ଡୀପାଠ ସହିତ ସନ୍ଧ୍ୟାରେ ଆଳତି ସହିତ ମା'ଙ୍କୁ ଏଣ୍ଡୁରି, କାକେରା ଓ ଖିରି ଭୋଗଲାଗି କରାଯିବା ପ୍ରଥା ରହିଥିବା ମନ୍ଦିର ପୂଜକ ଏବଂ ଗ୍ରାମବାସୀ କହିଛନ୍ତି।

## 'ହିନ୍ଦୀ ଭାଷା ଜାତୀୟତାବୋଧ ଆଣେ'

**ଜଟଣୀ,୨୯।୯(ଡି.ଏନ୍.ଏ.)**

ଜଟଣୀସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥାନ (ନାଇଜର) ପରିସରରେ ରାଜଭାଷା ହିନ୍ଦୀର ପାକ୍ଷିକ ପାଳନର ଉଦ୍ଯାପନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂସ୍ଥାନର କୁଳସଚିବ ଡ. ଅଭୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇ ହିନ୍ଦୀକୁ ରାଜକାର୍ଯ୍ୟରେ ବ୍ୟବହାର ଉପରେ ପ୍ରାଧାନ୍ୟ ଦେବା ସଙ୍ଗେ ସଙ୍ଗେ ଏହି ଭାଷାପ୍ରତି କେମିତି ଆତ୍ମିକ ସଂଯୋଗ ହୋଇପାରିବ ତାହା ଦର୍ଶାଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା କାର୍ଯ୍ୟକ୍ରମ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ପୂର୍ବତନ ମୁଖ୍ୟ ସ୍ମରପ୍ରିୟା ମିଶ୍ର କହିଥିଲେ, ହିନ୍ଦୀ ଏପରି ଏକ ଭାଷା ଯାହା ଜାତୀୟତାବୋଧ ଆଣେ। ଭାବ ବିନିମୟ, ଅନ୍ୟକୁ ଭଲପାଇବାର ବାର୍ତ୍ତା ଦିଏ। ରାଜକାର୍ଯ୍ୟକୁ ଗ୍ରାମ୍ୟସ୍ତରରେ ପହଞ୍ଚାଇବାର କ୍ଷମତା ହିନ୍ଦୀ ଭାଷାରେ ଅଛି। ହିନ୍ଦୀକୁ ଆପଣେଇ ନେଇ ଜାତିକୁ ସମ୍ମାନ ଦେବା ସମସ୍ତ ଭାରତୀୟଙ୍କର କର୍ତ୍ତବ୍ୟ ହେବା ଉଚିତ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ପ୍ରତିଭାଗୀମାନଙ୍କୁ ପୁରସ୍କାର ଏବଂ ମାନପତ୍ର ବିତରଣ କରାଯାଇଥିଲା। ଏହି ଉତ୍ସବକୁ ରାଜଭାଷା ସମିତିର ସମ୍ପାଦକ ଦିନେଶ ବାହାଦୁର ସିଂହ ପରିଚାଳନା କରିଥିଲେ। ରାଜୀବ ସିଂହ ଧନ୍ୟବାଦ ଦେଇଥିଲେ।

## ବ୍ୟାଙ୍କ ସମସ୍ୟାକୁ ନେଇ ଗ୍ରାହକ ଅସନ୍ତୋଷ



ବ୍ୟାଙ୍କରେ ଲାଗି ରହିଥିବା ଗ୍ରାହକଙ୍କ ଭିଡ଼।

**ନିରାକାରପୁର,୨୯।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଜାତୀୟକରଣ ବ୍ୟାଙ୍କ ଅଫ ବରୋଦା ରହିଛି। ଏହି ବ୍ୟାଙ୍କ ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ସମେତ ପେନସନ୍ଧାରୀ, ଛାତ୍ରୀଛାତ୍ର, ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ବେତନ ଭୋଗୀମାନଙ୍କ ସହିତ ସ୍ଥାନୀୟ ହାଟ ଏବଂ ବ୍ୟବସାୟୀମାନେ ନିର୍ଭର କରନ୍ତି। ହେଲେ ଦୁଃଖ ଏବଂ ପରିତାପର ବିଷୟ ଯେ, ଏହି ବ୍ୟାଙ୍କର ନାନା ସମସ୍ୟାକୁ ନେଇ ଗ୍ରାହକମାନେ ଅଧିକାଂଶ ସମୟରେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏତେ ଗ୍ରାହକଙ୍କ ପାଇଁ ଛୋଟ ଘରରେ ବ୍ୟାଙ୍କ ହୋଇଥିବାରୁ ସବୁବେଳେ ଗ୍ରାହକଙ୍କ ଭିଡ଼ ଲାଗିରହୁଛି। ଫଳରେ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁ ନାହିଁ। ସିକ୍ୟୁରିଟି ଗାର୍ଡ ମଧ ଜଗିବା ପରିବର୍ତ୍ତେ ଗ୍ରାହକଙ୍କୁ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରୁଥିବାର ଦେଖିବାକୁ ମିଳିଛି। ଅନ୍ୟପଟେ ଭିଡ଼ର ସୁଯୋଗ ନେଇ ଅନେକ ସମୟରେ ବ୍ୟାଙ୍କ ସାମ୍ନାରୁ ଲୋକଙ୍କଠାରୁ ଟଙ୍କା ଝାମ୍ପି ନେବା ଘଟଣା ଘଟୁଛି। ଏତେ ସବୁ ଘଟଣା ପରେ ମଧ ବ୍ୟାଙ୍କ ପରିଚାଳକ କୌଣସି ଦୃଷ୍ଟି ଦେଉ ନ ଥିବା ଗ୍ରାହକମାନେ ଅଭିଯୋଗ କରୁଛନ୍ତି। ସେହିଭଳି ଗ୍ରାହକଙ୍କ ସେବା ପାଇଁ ବ୍ୟାଙ୍କ ସାମ୍ନାରେ ଉକ୍ତ ବ୍ୟାଙ୍କର ଗୋଟିଏ ଏଟିଏମ୍ ଖୋଲାଯାଇଥିଲା। ହେଲେ ଏହି ଏଟିଏମ୍ଟି ୬ମାସ ହେଲା ଉଠିଯିବାରୁ ବ୍ୟାଙ୍କ ଭିତରେ ଭିଡ଼ ଜମୁଛି। ଏହାର ସୁଯୋଗ ନେଇ ଆଖପାଖରେ ଥିବା ବିସି ପଏଣ୍ଟଗୁଡ଼ିକ ଜିରୋ ଆକାଉଣ୍ଟ ଖାତା ଖୋଲିବା ପାଇଁ ୩୦ରୁ ୫୦ ଟଙ୍କା ନେଉଛନ୍ତି। ଟଙ୍କା ନେବା ସତ୍ତ୍ୱେ ଦୀର୍ଘଦିନ ଧରି ଗ୍ରାହକଙ୍କୁ ସେମାନଙ୍କର ବହି ମିଳୁ ନାହିଁ ବୋଲି ଅଭିଯୋଗ ହେଉଛି। ଏ ନେଇ ବି ସି ପଏଣ୍ଟରେ ଖାତା ଖୋଲିଥିବା ପ୍ରକାଶ ପଟ୍ଟନାୟକ କୁହନ୍ତି, ୨୦୧୯ରେ ଖାତା ଖୋଲିଥିଲେ ମଧ ଏଯାଏ ଦେଇ ନାହାନ୍ତି। ସେହପରି ଗ୍ରାହକ ଲିପୁ ବେହେରା କୁହନ୍ତି ବିସି ପଏଣ୍ଟରେ ଖାତା ଖୋଲିବା ବେଳେ ୩୦ ଟଙ୍କା ନେଇଥିଲେ। ଥାନାରେ ଏବଂ ବ୍ୟାଙ୍କ ପରିଚାଳକଙ୍କୁ ଜଣାଇବା ପରେ ଟଙ୍କା ଫେରାଇଥିଲେ। ଏ ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକ ତିରୁମାଲା ପଟ୍ଟାକ୍ଷୀ କହିଛନ୍ତି, ବ୍ୟାଙ୍କ ପାଇଁ ଆମେ ଅନ୍ୟତ୍ର ଜାଗା ଦେଖିଛୁ। ଖୁବଶୀଘ୍ର ସିଫ୍ଟ କରାଯାଇ ଏଟିଏମ୍ ବସାଯିବ ବୋଲି କହିଛନ୍ତି।

## ଭସାପୋଲରେ ବସ୍ ମନା, ଯାତ୍ରୀ ହନ୍ତସନ୍ତ

**କୃଷ୍ଣପ୍ରସାଦ,୨୯।୯(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା-ସାତପଡ଼ା ଚିଲିକାରେ ଦୈନନ୍ଦିନ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ତରଫରୁ ଯାତାୟାତ କରୁଥିବା ଭସାପୋଲରେ ୧୨ଦିନ ହେବ ବସ୍ ପରିବହନକୁ ବିଭାଗୀୟ ଅଧିକାରୀ ବନ୍ଦ କରି ଦେଇଛନ୍ତି। ଯାହା ଫଳରେ ହଜାର ହଜାର ଜନସାଧାରଣ, ପରୀକ୍ଷାର୍ଥୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଭସାପୋଲରେ ପ୍ରତ୍ୟହ ୨ଟିବସ୍ ପୁରୀରୁ ବ୍ରହ୍ମପୁର ଯାତାୟତ କରୁଥିାଏ। କିନ୍ତୁ ୧୨ ଦିନ ହେବ ଭସାପୋଲରେ ବସ୍ ପରିବହନ ବନ୍ଦ ହୋଇଯିବା ଯୋଗୁ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ଖବର ଅନୁଯାୟୀ, ଗତ କିଛିଦିନ ହେବ ଭସାପୋଲରେ ବସ୍ ଅବତରଣ କରିବାରେ ଅସୁବିଧା ହେବାରୁ ଏହି ସେବା ବନ୍ଦ କରାଯାଇଛି। କାରଣ ଲଘୁଚାପ ଜନିତ ବର୍ଷା ଓ ବନ୍ୟାଜଳ ଅଧିକ ଥିବାରୁ ଚିଲିକାର ଜଳସ୍ତର ବୃଦ୍ଧି ପାଇବା ଯୋଗୁ ଭସାପୋଲ ଅବତରଣ ଭସାପୋଲ(ଜେଟି)ରୁ ବହୁ ଉଚ୍ଚରେ ରହୁଛି। ଫଳରେ ବସ୍ ର୍ୟାମ୍ପରେ ଚଢ଼ିବା ବେଳେ ବୋରିଂ ମାଟିରେ ଲାଗୁଛି । ଗାଡି ଉପରକୁ ଉଠିବା ଅସମ୍ଭବ ହୋଇପଡୁଛି। ପୂର୍ବରୁ ବିଭାଗୀୟ ତରଫରୁ ଫ୍ଲୋଟୋର ଜେଟି ଯାହା(ଭାସମାନ ଅବସ୍ଥାରେ ଥାଏ)ବ୍ୟବସ୍ଥା କରାଯାଇଥିଲା। ଉକ୍ତ ଅବତରଣ ଜେଟିଟି ନଷ୍ଟ ହେବା ପରେ ବିଭାଗୀୟ ଅଧିକାରୀ କଂକ୍ରିଟ ମାଧ୍ୟମରେ ଜେଟି ନିର୍ମାଣ କରିଛନ୍ତି। ଚିଲିକାର ଜଳସ୍ତର ବୃଦ୍ଧି ପାଇଲେ ଏହି ଜେଟି ଜଳରେ ବୁଡ଼ିଯାଉଛି। ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରେରଣା ପାଲଟିଛି ଗୋପାଳକୃଷ୍ଣଙ୍କ ସଂଗ୍ରହାଳୟ

**ଖୋର୍ଦ୍ଧା ଅଫିସ,୨୯।୯**



ଗୋପାଳକୃଷ୍ଣଙ୍କ ପୁସ୍ତକ ସଂଗ୍ରହାଳୟ।



ପ୍ରାଧାପକ ଗୋପାଳକୃଷ୍ଣ ଦାସ।

ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପୂର୍ବତନ ମୁଖ୍ୟ ପ୍ରାଧାପକ ଗୋପାଳକୃଷ୍ଣ ଦାସ ଜଣେ ବହୁମୁଖୀ ପ୍ରତିଭା। ଶିକ୍ଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ସଂରକ୍ଷଣ ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ରହିଛି। ପିତା ରାଧା ଗୋବିନ୍ଦ ଦାସ ଏବଂ ମାତା ଶେଫାଳିବାଳାଙ୍କ ଆଦର୍ଶ ଓ ପ୍ରେରଣା ତାଙ୍କ ଜୀବନରେ ଗଭୀର ରେଖାପାତ କରିଛି। ଖୋର୍ଦ୍ଧା ରାଧାବଲ୍ଲଭ ସାହିସ୍ଥିତ ନିଜ ବାସଭବନରେ ଗୋପାଳକୃଷ୍ଣ ସ୍ଥାପନ କରିଛନ୍ତି ରାଧାଗୋବିନ୍ଦ ଶେଫାଳିବାଳା ସଂଗ୍ରହାଳୟ। ସେଠାରେ ବହୁ ପ୍ରାଚୀନ କୀର୍ତ୍ତିରାଜି ଶୋଭାପାଉଛି। ପ୍ରସ୍ତର ଓ କାଷ୍ଠ ଖୋଦେଇ, ଶିଙ୍ଗ, ଚମଡ଼ା, ଓ ବେତ ବାଉଁଶ ନିର୍ମିତ କଳାକୃତି, ମୃତ୍ତିକା କଳା, ବୟନ କଳା, ଲାଖ, ସମେତ ବିଭିନ୍ନ ଧାତୁ ନିର୍ମିତ ପାତ୍ର, ମୁଦ୍ରା ଆଦି ସଜାଇ ରଖାଯାଇଛି। ପଶୁମୁଖା, ଗୋବର ଓ କାଗଜ ମୁଖା, ପ୍ରାଚୀନ ଯୁଗର ପ୍ରସ୍ତର କଳା, ଧାତୁ, ପଟ୍ଟଚିତ୍ର, ଭାସ୍କର୍ଯ୍ୟ ଶିଳ୍ପ, ପାରମ୍ପରିକ ଚିତ୍ର, ବିଭିନ୍ନ ଲେଖନ ସାମଗ୍ରୀ, ଚିନା ମାଟି, ଫାଇବର, କାଚ, ପ୍ଲାଷ୍ଟିକ, ବହୁ ପୁରୁଣା ଘଣ୍ଟା, ରେଡିଓ, କ୍ୟାମେରା, ଟର୍ଚ୍ଚ, ଅଣୁବୀକ୍ଷଣ ଯନ୍ତ୍ର, ଲ୍ୟାମ୍ପ, ଲଣ୍ଠନ, ବିଭିନ୍ନ ବାଦ୍ୟଯନ୍ତ୍ର, ଖେଳଣା, ବିଭିନ୍ନ ଦେଶର ଜାତୀୟ ପତାକା, ଜାତୀୟ ଦ୍ରବ୍ୟ, ସୈନ୍ୟବାହିନୀ ଦ୍ରବ୍ୟ, ଡାକଟିକେଟ, ବିଭିନ୍ନ ସମୟରେ ବ୍ୟବହୃତ ବ୍ୟାଜ ପ୍ରଭୃତି ରହିଛି। ୨୦୧୯ରେ ଅବସର ଗ୍ରହଣ ପରେ ସେ ଐତିହ୍ୟ ଗବେଷଣା, ସଂରକ୍ଷଣ, ସାହିତ୍ୟ ସାଧନାରେ ବ୍ରତୀ ରହିଛନ୍ତି। ୧୦ଟି ପୁସ୍ତକ ରଚନା କରିଥିବାବେଳେ ଇଣ୍ଡିଆନ୍ ହିଷ୍ଟ୍ରି କଂଗ୍ରେସ୍, ଇଣ୍ଡିଆନ୍ ସାଇନ୍ସ କଂଗ୍ରେସ, ଓରିଏଣ୍ଟାଲ କନ୍ଫରେନ୍ସ, ବୁଦ୍ଧିଷ୍ଟ ହେରିଟେଜ୍ କନ୍ଫରେନ୍ସ ପ୍ରଭୃତି ଜାତୀୟ ଏବଂ ଅନ୍ତର୍ଜାତୀୟ ସମ୍ମିଳନୀରେ ସନ୍ଦର୍ଭ ପାଠ କରିଛନ୍ତି। 'ଓଡ଼ିଶା ମନ୍ଦିର ସ୍ଥାପତ୍ୟର ସଂରକ୍ଷଣ' ପାଇଁ ଅଧିବେଶନରେ ସମ୍ମାନିତ ହୋଇଥିବାବେଳେ ପ୍ରକୃତି ମିତ୍ର ପୁରସ୍କାର ପାଇଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ପାଇକ ବିଦ୍ରୋହ ସ୍ମାରକୀ ପୁନରୁଦ୍ଧାର ଫଟୋଚିତ୍ର ଲଣ୍ଡନରେ ସ୍କାଉଟିଂ ଶତ ବାର୍ଷିକୋତ୍ସବରେ ପ୍ରଦର୍ଶିତ ହୋଇଥିଲା। ତାଙ୍କ ଦ୍ୱାରା ସ୍ଥାପିତ ପାଠାଗାର ଆଗାମୀ ପିଢ଼ି ପାଇଁ ପ୍ରେରଣା ସାଜିଥିବାବେଳେ ଏହାର ବିକାଶ ପାଇଁ ସେ ବଦ୍ଧପରିକର ବୋଲି ଗୋପାଳକୃଷ୍ଣ କହିଛନ୍ତି।